

**ବିଗିଡ଼ିଗଲାଣି ଟ୍ରାଫିକ୍ ବ୍ୟବସ୍ଥା**

# ସନ୍ଧ୍ୟାରେ ଅଟକିଯାଉଛି ରାଜଧାନୀ



ବାଣୀବିହାର



ୟୁନିଟ୍-୯

## ଘଣ୍ଟା ଘଣ୍ଟା ଫସିରହୁଛି ଶହ ଶହ ଗାଡ଼ି

## ଆମ୍ବୁଲାନ୍ସ ସାଇରନ୍ ବି କେହି ଶୁଣୁନାହାନ୍ତି

## ଫେଲ୍ ମାରୁଛି ଟ୍ରାଫିକ୍ ସିଗ୍ନାଲ

## ଅଦିନିଆ ମହୋତ୍ସବ ପାଇଁ ଏଭଳି ସମସ୍ୟା: ପୁଲିସ

ଭୁବନେଶ୍ୱର, ୧୧।୧(ସମିସ): ଧୀରେ ଧୀରେ ରାଜଧାନୀର ଟ୍ରାଫିକ୍ ବ୍ୟବସ୍ଥା ବିଗିଡ଼ି ଗଲାଣି । ଟ୍ରାଫିକ୍ ସମସ୍ୟା ପାଇଁ ଗୋଟିଏ ଛକରୁ ଅନ୍ୟ ଛକକୁ ଯିବା ପାଇଁ ଲାଗୁଛି ୨ଘଣ୍ଟାରୁ ଅଧିକ ସମୟ । ସବୁ ଛକରେ ଟ୍ରାଫିକ୍ ପୁଲିସ ଛିଡ଼ା ହୋଇଥିଲେ ମଧ୍ୟ ସେମାନେ ଏଭଳି ଭିଡ଼ ଦେଖି ହାତ ଟେକି ଦେଉଛନ୍ତି । ଫଳରେ ଯିଏ ଯୁଆଡ଼େ ପାଇଲା ଗଲା । ଟ୍ରାଫିକ ପୋଷ୍ଟରେ ଏଭଳି ଭିଡ଼ ଜମିଯାଉଛି ଯେ, ଆମ୍ବୁଲାନ୍ସ ତଥା ଜରୁରିକାଳୀନ ସେବା ଯାନବାହନ ଯିବାଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା କେବଳ ଗୋଟିଏ ଦିନର ଘଟଣା ନୁହେଁ; ସବୁଦିନିଆ ଘଟଣା ପାଲଟିଗଲାଣି ।

ଏଭଳି ଭାବେ ଶନିବାର ଆଚାର୍ଯ୍ୟ ବିହାର ଛକ, ନୂଆପଲ୍ଲୀ, ସିଆର୍‌ପି, ଫାୟାର ଷ୍ଟେସନ, ବାଣୀବିହାର, ରସୁଲଗଡ଼, ଖଣ୍ଡଗିରି ଛକରେ ଅସମ୍ଭାଳ ଭିଡ଼ ହୋଇଥିଲା । ସେହିପରି ଏକାମ୍ର ପାର୍କରେ ଫୁଲ ପ୍ରଦର୍ଶନୀ ମେଳା ପଡ଼ିଥିବାରୁ ସେଠାକୁ ଶହ ଶହ ଲୋକ ବୁଲିବାକୁ ଯାଉଥିଲେ । ଯେଉଁଥିପାଇଁ ବିଜୁ ପଟ୍ଟନାୟକ କଲେଜ ନିକଟରୁ ସିଆର୍‌ପି ଛକ ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ଜମିଥିଲା । ସେପଟରେ ଫାୟାର ଷ୍ଟେସନ ଛକରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ଶହ ଶହ ଯାନବାହନର ଧାଡ଼ି ଲମ୍ବିଥିଲା । ଏଭଳି ସମସ୍ୟା ଅପରାହ୍ଣ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା ।

ସନ୍ଧ୍ୟାରେ ହଜାର ହଜାର ଗାଡ଼ି ଅଟକି ରହିଥିବାରୁ ଟ୍ରାଫିକ୍ ସିଗ୍ନାଲ ଆଉ କାମ ଦେଇ ନ ଥିଲା । ଯେଉଁଥିପାଇଁ ଟ୍ରାଫିକ୍ ପୁଲିସ ଛକରେ ଗାଡ଼ି ପରିଚାଳନା କରିଥିଲେ । ହେଲେ ସେମାନେ ପାରି ନ ଥିଲେ । କାରଣ ଗୋଟିଏ ପଟରେ ଟ୍ରାଫିକ୍ ପୁଲିସ ଛାଡୁଥିବାବେଳେ ଅନ୍ୟପଟରେ ଅସମ୍ଭାଳ ଭିଡ଼ ହୋଇଯାଉଥିଲା । ଯେଉଁଥିପାଇଁ ଗୋଟିଏ ପଟକୁ ଛାଡ଼ିବା ପାଇଁ ୧୦ରୁ ୧୫ ମିନିଟ୍ ଲାଗିଥିଲା । ଅନ୍ୟପଟରେ ଅଟକି ରହିଥିବା ଗାଡ଼ି ଚାଳକମାନେ ଅପେକ୍ଷା କରି ନ ପାରି ଗାଡ଼ିର ହର୍ଣ୍ଣ ବଜାଇଥିଲେ । ଏପରିକି ଅନେକ ଗାଡି ଚାଳକ ମନ ଇଚ୍ଛା ଗାଡି ଚାଳନା କରି ପଳାଇ ଯାଇଥିଲେ । ଏଭଳି ଭିଡ଼ ପାଇଁ ଆମ୍ବୁଲାନ୍ସ, ପୁଲିସ ଭ୍ୟାନ୍ ଏବଂ ଦମକଳ ଗାଡ଼ି ମଧ୍ୟ ଫସି ଯାଇଥିଲା । ଏହି ଜରୁରୀ ସେବା ଯୋଗାଉଥିବା ଗାଡ଼ି ଘଣ୍ଟା ଘଣ୍ଟା ଗୋଟିଏ ଛକରେ ଅଟକି ରହୁଥିଲା । ବହୁ ସମୟରେ ଗାଡ଼ି ଚାଳକମାନେ ଗୋଟିଏ ଛକରେ ଅଟକି ରହୁଥିବାରୁ ଏକାଧିକ ଗାଡ଼ି ଚାଳକ ହର୍ଣ୍ଣ ମାରିଥିଲେ । ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ଆହୁରି ସଙ୍ଗିନ ହୋଇପଡ଼ିଥିଲା । ଗଳି ରାସ୍ତାରେ ଏକାଧିକ ଗାଡ଼ି ମୁଖ୍ୟ ରାସ୍ତାକୁ ପଶୁଥିବାରୁ ଟ୍ରାଫିକ୍ ସମସ୍ୟା ହୋଇଥିଲା । ଏଭଳି ଟ୍ରାଫିକ୍ ସମସ୍ୟାକୁ ପୁଲିସ ହାଲୁକା ଭାବେ ନେଇଛି । ଅଦିନିଆ ପର୍ବ ହୋଇଥିବାରୁ ଏଭଳି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିବା ପୁଲିସ କହିଛି । କିନ୍ତୁ ଏତେବଡ଼ କାର୍ଯ୍ୟକ୍ରମ ପୂର୍ବରୁ ପୁଲିସର ଟ୍ରାଫିକ୍ ଆରେଞ୍ଜମେଣ୍ଟ କରିନାହିଁ । ଯେତିକି ପୁଲିସ କର୍ମଚାରୀ ଟ୍ରାଫିକ୍ ପରିଚାଳନା ପାଇଁ ରହିବା ଆବଶ୍ୟକ ତାହା ହୋଇନାହିଁ । ହାତଗଣତି ପୁଲିସ କର୍ମଚାରୀଙ୍କୁ ନେଇ ଟ୍ରାଫିକ୍ ପରିଚାଳନା କରିବା କଷ୍ଟକର ହୋଇଥିଲା । କେବଳ ଗାଡ଼ି ନୁହେଁ ସାଧାରଣ ଲୋକ ଚାଲିକି ଯିବା ସମସ୍ୟା ହୋଇଥିଲା । ଏକାଧିକ ଗାଡ଼ି ଛକରେ ପଛରୁ ପଛ ଅଟକି ରହିଥିବାରୁ ଲୋକେ ଚାଲିକି ଯିବା ପାଇଁ ରାସ୍ତା ନ ଥିଲା । ଅନେକ ଅମାନିଆ ବାଇକ୍‌ଚାଳକ ଫୁଟ୍‌ପାଥ୍ ଉପରେ ଗାଡ଼ି ଚାଳନା କରି ଯାଉଥିବାରୁ ସାଧାରଣ ଲୋକ ଚାଲିକି ଯିବାରେ ସମସ୍ୟା ହୋଇଥିଲା ।



ଫାୟାର ଷ୍ଟେସନ

ଯାହାଫଳରେ ପ୍ରତିଛକରେ ହର୍ଣ୍ଣ ଶବ୍ଦରେ କାନ ଫାଟି ପଡ଼ିଥିଲା । ଅନେକ ଲୋକ ଘରେ ପଶି ଗୁଗଲ୍ ମ୍ୟାପ୍‌ରେ ଟ୍ରାଫିକ୍ ଭିଡ଼ ଦେଖିଥିଲେ । ରସୁଲଗଡ଼ ଛକରୁ ବରମୁଣ୍ଡା କାଳୀମନ୍ଦିର ନିକଟ ପର୍ଯ୍ୟନ୍ତ ବ୍ୟସ୍ତ ରୋଡ୍ ସିଗ୍ନାଲ ଦେଖାଇଥିଲା । ଯେଉଁଥିପାଇଁ ଗୁଗଲ୍‌ରୁ ଦେଖି ଅନେକ ଲୋକ ଉକ୍ତ ରାସ୍ତା ଦେଇ ଯାଇ ନ ଥିଲେ । ବିଶେଷକରି ଜୟଦେବ ବିହାରରୁ ଏକାମ୍ର ପାର୍କ ପର୍ଯ୍ୟନ୍ତ ହଜାର ହଜାର ଗାଡ଼ି ପଛକୁ ପଛ ଅଟକି ରହିଥିଲା । ଉକ୍ତ ରାସ୍ତାରେ ପିମ୍ପୁଡ଼ି ଗଳିବାକୁ ମଧ୍ୟ ବାଟ ନ ଥିଲା । ରାସ୍ତାକଡ଼ରେ ଅନେକ ଗାଡ଼ି ପାର୍କିଂ



ଖଣ୍ଡଗିରି

---

## ବୋମାମାଡ଼ ଘଟଣାରେ ଦୁଇ ଗିରଫ



**ଆହତ ହୋଇଥିଲେ ଦୁଇ ନାବାଳକ**

**ଜଟଣୀରୁ ଆଣିଥିଲେ ବୋମା**



ଭୁବନେଶ୍ୱର, ୧୧।୧(ସମିସ): ହଳଦୀ ପଡ଼ିଆ ବସ୍ତିରେ ବୋମାମାଡ଼ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ଲକ୍ଷ୍ମୀସାଗର ମଣ୍ଡପ ସାହିର ଦେବାଶିଷ ନାୟକ ଓରଫ ବବୁଲ୍ (୨୪) ଓ ରାଉତସାହିର ଗୌରାଙ୍ଗ ନାୟକ ଓରଫ ଗୌରା(୨୨) ।

ପୁଲିସ ସୂଚନା ଅନୁସାରେ, ନୂଆବର୍ଷ ଦିନ କେକ୍ କାଟିବାକୁ ନେଇ ହଳଦୀ ପଡ଼ିଆ ବସ୍ତିର କିଛି ନାବାଳକଙ୍କ ସହିତ ବବୁଲ ଓ ଗୌରାର ଝଗଡ଼ା ହୋଇଥିଲା । ଉଭୟପକ୍ଷ ଏହାକୁ ନେଇ ହାତାହାତି ହୋଇଥିଲେ । ଏହାପରେ ନାବାଳକମାନଙ୍କୁ ପାନେ ଦେବାକୁ ବବୁଲ ଓ ଗୌରା ମିଶି ଯୋଜନା କରିଥିଲେ । ଜଟଣୀ ଅଞ୍ଚଳକୁ ଯାଇ ବୋମା ସଂଗ୍ରହ କରି ଆଣିଥିଲେ । ଗତ ସୋମବାର ସନ୍ଧ୍ୟାରେ ନାବାଳକମାନେ ହଳଦୀ ପଡ଼ିଆ ବସ୍ତିରେ ଏକାଠି ହୋଇ ଛିଡ଼ା ହୋଇଥିଲେ । ପୂର୍ବ ଯୋଜନା ମୁତାବକ ବବୁଲ ଓ ଗୌରା ଏକ ସ୍କୁଟି ଯୋଗେ ବୋମା ନେଇ ବସ୍ତି ଭିତରକୁ ପଶି ସେମାନଙ୍କ ଉପରକୁ ବୋମାମାଡ଼ କରିଥିଲେ । ସୌଭାଗ୍ୟବଶତଃ ବୋମାଟି ନିକଟରେ ଥିବା ଏକ ପାଚେରିରେ ମାଡ଼ ହୋଇଥିଲା । ବୋମାର ଗୋଡ଼ିଗୁଡ଼ିକ ଉପରେ ପଡ଼ିବାରୁ ଦୁଇ ନାବାଳକ ଆହତ ହୋଇଥିଲେ । ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଶନିବାର ବବୁଲ୍ ଓ ଗୌରାକୁ ଗିରଫ କରିବା ସହିତ ତାଙ୍କଠାରୁ ଘଟଣାରେ ବ୍ୟବହୃତ ସ୍କୁଟି ଜବତ କରିଛି ।

---

## ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୧ ଲକ୍ଷ ଠକେଇ

ଭୁବନେଶ୍ୱର, ୧୧।୧(ସମିସ): ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୧ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି । ଠକାମିର ଶିକାର ହୋଇଥିବା ରାଜୁ ଶତପଥୀ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ କରିବା ପରେ ଟଙ୍କା ଯାଇଥିବା ଆକାଉଣ୍ଟକୁ ଫ୍ରିଜ୍ କରିଛି ପୁଲିସ । କିନ୍ତୁ ଉକ୍ତ ଆକାଉଣ୍ଟରେ ଟଙ୍କାଟିଏ ବି ନାହିଁ । ଠକେଇ ଟଙ୍କା ଯିବା ପରେ ସାଇବର ଠକ ଏହାକୁ ଅନ୍ୟ ଆକାଉଣ୍ଟକୁ ପଠାଇ ଉଠାଇ ନେଇଛନ୍ତି ।

ଅଭିଯୋଗ ଅନୁସାରେ, ରାଜୁଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଏକ ଅଜଣା ଫୋନ୍ ନମ୍ବରରୁ ମେସେଜ୍ ଆସିଥିଲା । ଯେଉଁ ମେସେଜ୍‌ରେ ଅନ୍‌ଲାଇନ୍ ଟ୍ରେଡିଂରେ ଟଙ୍କା ଲଗାଇ ଲାଭବାନ ହେବାକୁ କୁହାଯାଇଥିଲା । ଉକ୍ତ ବ୍ୟକ୍ତି ଜଣକ ରାଜୁଙ୍କ ସହ କଥା ହେବା ପରେ ତାଙ୍କୁ ଏକ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ଦେଇଥିଲେ । କିପରି ଟଙ୍କା ଲଗାଇ ଦୁଇଗୁଣା ଲାଭ ପାଇବ ସେନେଇ ଏହି ଟେଲିଗ୍ରାମ୍ ଗ୍ରୁପ୍‌ରେ ଥିବା ଜଣେ ବ୍ୟକ୍ତି ଗାଇଡ୍ କରିବେ ବୋଲି କହିଥିଲେ । ଗ୍ରୁପ୍‌ରେ ଯୋଡ଼ି ହେବା ପରେ ଉକ୍ତ ବ୍ୟକ୍ତିଙ୍କ କହିବା ଅନୁସାରେ, ସେ ପ୍ରଥମେ ୫ ହଜାର ଟଙ୍କା ଲଗାଇଥିଲେ । ପରେ ତାଙ୍କୁ ୧୦ ହଜାର ଟଙ୍କା ଲାଭ ମିଳିଥିଲା । ଗାଇଡ୍ କରୁଥିବା ଠକ ତାଙ୍କୁ ୧ଲକ୍ଷରୁ ଅଧିକ ଟଙ୍କା ଲଗାଇଲେ ଅଧିକ ଲାଭ ମିଳିବ ବୋଲି କହିଥିଲେ । ଠକଙ୍କ କହିବା ଅନୁସାରେ, ରାଜୁ ଟଙ୍କା ଲଗାଇବା ପରେ ୧୧ଲକ୍ଷ ୧୫ ହଜାର ଟଙ୍କା ଠକାମିର ଶିକାର ହୋଇଥିଲେ ।

---

# ରାଜଧାନୀରେ ଫୁଲବାଣୀ ଗଞ୍ଜେଇ କାରବାର



- ଧରାପଡୁଛନ୍ତି ଖୁଚୁରା ବେପାରୀ, ଖସିଯାଉଛନ୍ତି ମାଷ୍ଟରମାଇଣ୍ଡ
- ସତ ଉଗାରିଲେ ଦୁଇ ବେପାରୀ
- ନିଜ ଗାଡ଼ି ନୁହେଁ; ସେଲ୍‌ଫ ଡ୍ରାଇଭ୍ ଗାଡ଼ି ନେଇ ବେପାର

ଭୁବନେଶ୍ୱର, ୧୧।୧(ସମିସ): ରାଜଧାନୀରେ ବଢୁଛି ଫୁଲବାଣୀ ଗଞ୍ଜେଇର ଚୋରା କାରବାର । ଯେଉଁଥିପାଇଁ ରାଜଧାନୀରେ ଥିବା ଗଞ୍ଜେଇ ଡିଲର୍‌ମାନେ ସେଠାର ନିଶା ମାଫିଆଙ୍କୁ ଅର୍ଡର ଦେଉଥିବା ଶୁଣିବାକୁ ମୁଳୁଛି । କେଜି ପିଛା ୧୨୦୦ରୁ ୧୬୦୦ ଟଙ୍କା ନେଉଛନ୍ତି କନ୍ଧମାଳର ଗଞ୍ଜେଇ ବେପାରୀ । ସେ ଚାଷୀଙ୍କଠାରୁ ଗଞ୍ଜେଇ ଆଣି ତାହାକୁ ଏକାଠି କରୁଛନ୍ତି । ପରେ ଏହାକୁ ଅର୍ଡର ଆସିଥିବା ବିଭିନ୍ନ ଜିଲ୍ଲାକୁ ପଠାଉଛନ୍ତି । ବଡ଼ କଥା ହେଲା ଗଞ୍ଜେଇ ଚାଲାଣ ପଛରେ ମାଷ୍ଟରମାଇଣ୍ଡ ଖସିଯାଉଥିବାବେଳେ କେବଳ ଧରାପଡୁଛନ୍ତି ଖୁଚୁରା ବେପାରୀ ।

ବର୍ତ୍ତମାନ ଶୀତ ଋତୁ ଚାଲୁଥିବାରୁ ଏକାଧିକ ଯୁବପିଢ଼ି ଦାମୀ କାର୍ ନେଇ ବୁଲିବାକୁ ଫୁଲବାଣୀ ଯାଉଛନ୍ତି । ସେଠାରେ ବୁଲିବା ସହ ଆସିବାବେଳେ ଗଞ୍ଜେଇ ଆଣି ଆସୁଛନ୍ତି । ଯାହାକୁ ଅବକାରୀ ବିଭାଗ ଏବଂ ପୁଲିସ ଧରିବା କାଠିକର ପାଠ ହେଉଛି । କାରଣ ସେମାନଙ୍କ ବେଶ ଭୂଷା ପୂରା ସମ୍ଭ୍ରାନ୍ତ ପରିବାର ଭଳି ଦେଖାଯାଉଛି । ଏପରିକି ଦାମୀ କାର୍‌ରେ ପରିବାର ବୁଲି ଆସିଥିବା ଯେ ବି କେହି ଦେଖିଲେ ଭାବିବ । କିନ୍ତୁ ବାସ୍ତବରେ ସେମାନେ ପରିବାର ସଦସ୍ୟ ନୁହନ୍ତି । କେବଳ ଗଞ୍ଜେଇ ଚାଲାଣ ପାଇଁ ଏଭଳି ବେଶ ଧରିଛନ୍ତି । ଗଞ୍ଜେଇ ଚାଲାଣ କରୁଥିବା ୨ଜଣ ବେପାରୀଙ୍କୁ ଗିରଫ କରିବା ପରେ ଏଭଳି ସତ ପଦାକୁ ଆସିଛି । ସେମାନେ ହେଲେ କନ୍ଧମାଳର ବାବୁନା ଦିଗାଲ ଏବଂ ଅଜୟ ଦିଗାଲ । ସେମାନଙ୍କଠାରୁ ଏସ୍‌ଟିଏଫ୍ ୨୬ କେଜି ଗଞ୍ଜେଇ ଜବତ କରିଛି । ବଡ଼ କଥା ହେଲା ସେମାନେ ଦାମୀ ଗାଡ଼ିରେ ଗଞ୍ଜେଇ ଭୁବନେଶ୍ୱର ଆଣୁଥିବାବେଳେ ଖବର ପାଇ ଏସ୍‌ଟିଏଫ୍ ଟିମ୍ ଗଙ୍ଗପଡ଼ା ଛକରେ ମାଡ଼ି ବସିଥିଲା । ସେମାନଙ୍କୁ ଦେଖିଲେ ପୂରା ସମ୍ଭ୍ରାନ୍ତ ପରିବାର ଭଳି ଦେଖାଯାଉଥିଲେ । କିନ୍ତୁ ଏସ୍‌ଟିଏଫ୍ ଅଧିକାରୀମାନେ ଖବରୀ ସୂଚନା ଆଧାରରେ ଅଟକାଇ ଯାଞ୍ଚ କରିବା ପରେ ସତ ପଦାକୁ ଆସିଥିଲା । ଆହୁରି ମଧ୍ୟ ଏହି ଦୁଇ ଜଣ ଫୁଲବାଣୀରୁ ଗଞ୍ଜେଇ ଆଣି ଭୁବନେଶ୍ୱର, ବରମୁଣ୍ଡା ଏବଂ କଟକରେ ଥିବା କିଛି ଖୁଚୁରା ଗଞ୍ଜେଇ ବେପାରୀଙ୍କୁ ବିକ୍ରି କରନ୍ତି । ପ୍ରତି ମାସରେ ଦୁଇଥର ସେମାନେ ସେଠାକୁ ବୁଲିବାକୁ ଯାଆନ୍ତି । ଆସିବା ପରେ ସେମାନେ ସେଠାରୁ ଗଞ୍ଜେଇ ଧରି ଭୁବନେଶ୍ୱର ଫେରନ୍ତି । ସେମାନଙ୍କୁ ଏସ୍‌ଟିଏଫ୍ ପଚରାଉଚରା ପରେ ଆଉ ଏକ ଚାଞ୍ଚଲ୍ୟକର ଖବର ଜଣାପଡ଼ିଛି । ଗଞ୍ଜେଇ ଚାଲାଣ ପାଇଁ ସେମାନେ ନିଜ ଗାଡ଼ିକୁ ବ୍ୟବହାର କରନ୍ତି ନାହିଁ । ସେମାନେ ରାଜଧାନୀରେ ଥିବା ଏକାଧିକ ସେଲ୍‌ଫଡ୍ରାଇଭ୍ ଗାଡ଼ିକୁ ଟାର୍ଗେଟ୍ କରନ୍ତି । ସେଠାରୁ ନକଲି ଆଧାରକାର୍ଡ ଦେଇ ଦାମୀ ଗାଡ଼ି ଭଡ଼ାକୁ ନେଉଛନ୍ତି । ଗଞ୍ଜେଇ ଚାଲାଣ କରିବାବେଳେ ପୁଲିସ ଗିରଫ କଲେ ସେଲ୍‌ଫ ଡ୍ରାଇଭ୍ ମାଲିକ ଫସୁଛନ୍ତି । ଏଭଳି ଏକାଧିକ ଗାଡ଼ି କନ୍ଧମାଳ ପୁଲିସ ଏବଂ କମିସନରେଟ୍ ପୁଲିସ ହାତରେ ଧରାପଡ଼ିଛି ।

ଆହୁରି ମଧ୍ୟ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଜଣାପଡ଼ିଛି ଯେ ପୁଲିସ ଗଞ୍ଜେଇ ଗଛ ନଷ୍ଟ କରୁଛି ଯେତିକି ମାଡୁଛି ବେଶି । ପୁଲିସ ହାତ ଗଣତି ଗଞ୍ଜେଇ ଗଛ ଠାବ କରି କାଟୁଥିବାବେଳେ ମାଫିଆମାନେ ଘଞ୍ଚ ଜଙ୍ଗଲ ଭିତରେ ତାହାଠାରୁ ଅଧିକ ପରିମାଣର ଗଞ୍ଜେଇ ଚାଷ କରୁଛନ୍ତି । ବଡ଼ କଥା ହେଲା ଗଞ୍ଜେଇ ଚାଷ ପାଇଁ ପରୋକ୍ଷରେ ପୁଲିସ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଥାନା ପୁଲିସ ଗଞ୍ଜେଇ ଗଛ ପିଛା ଟଙ୍କା ନେଉଥିବା ଅଭିଯୋଗ ହୋଇଛି । ପ୍ରତି ଗଞ୍ଜେଇ ଗଛ ପିଛା ୫ରୁ ୧୦ ଟଙ୍କା ନେଉଥିବା ଏକାଧିକ ଚାଷୀ ସୂଚନା ଦେଇଛନ୍ତି । ପୁଲିସ ଯେଉଁ ଗଞ୍ଜେଇ ଗଛ କାଟିବା ନେଇ ଗଣମାଧ୍ୟମରେ ଫଟୋ ଏବଂ ତଥ୍ୟ ଦେଉଛନ୍ତି, ତାହା ପଛରେ ଏକ ରହସ୍ୟ ରହିଛି । ବର୍ଷା କିମ୍ବା ପବନ ହେଲେ ଗଞ୍ଜେଇ ଗଛ ଅଧାରୁ ନଇଁ ପଡ଼େ । ତେଣୁ ପୁଲିସ ଏହି ଅଧାରୁ କାଟି ପୋଡ଼ି ଏହାର ଫଟୋ ଉଠାଇ ଛାଡ଼ିଥାଏ । ଯେଉଁ ଗଞ୍ଜେଇ ଗଛ କଟାଯାଇଥାଏ ସେଥିରୁ ପୁଣି ଶାଖା ପ୍ରଶାଖା ବାହାରି ଗଞ୍ଜେଇ କଳି ବାହାରିଥାଏ । ଆହୁରି ମଧ୍ୟ ଗଞ୍ଜେଇ ଚାଷ ହେବା ପରେ ଏହାକୁ ପ୍ରୋସେସିଂ କରି ଲୁଚାଇ ରଖିଥା'ନ୍ତି । ଧାନମଣ୍ଡି ପରି ଗଞ୍ଜେଇ ମାଫିଆ ଗାଁରୁ ଗଞ୍ଜେଇ ସଂଗ୍ରହ କରି ଏକାଠି କରିଥାଏ । ଶେଷରେ ଗାଡ଼ି କରି ଏହାକୁ ରାଜ୍ୟ ବାହାରକୁ ଚାଲାଣ କରିଥାଏ ।



# ଭୁବନେଶ୍ୱର ସିଟି





**ଫେଶନ ଟ୍ରେଣ୍ଡିଂ**

## 'ଇଭିଲ୍ ଆଇ' ଅଳଙ୍କାର ପ୍ରେମରେ ଯୁବପିଢ଼ି

ଯୁବପିଢ଼ିମାନେ ଏବେ ଫେଶନ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସାମଗ୍ରୀ ବ୍ୟବହାର କରୁଛନ୍ତି। ସେ ଡ୍ରେସ୍‌ରେ ହେଉ ବା କସ୍‌ମେଟିକ୍ କିମ୍ବା ଅଳଙ୍କାର। ଏବେ ଯୁବପିଢ଼ିଙ୍କ ଫେଶନରେ ଯୋଡ଼ି ହୋଇଛି 'ଇଭିଲ୍ ଆଇ' ଅଳଙ୍କର। ବିଶେଷକରି ଝିଅମାନେ ଏହି 'ଇଭିଲ୍ ଆଇ' ଅଳଙ୍କାର ପ୍ରତି ରୁଚି ବଢ଼ାଉଛନ୍ତି। ହାତ, ପାଦରେ ଏହି 'ଇଭିଲ୍ ଆଇ'ର ବ୍ରେସ୍‌ଲେଟ୍, ଆଙ୍କଲେଟ୍ ଅଧିକ ମାତ୍ରାରେ ବ୍ୟବାହର କରୁଥିବାବେଳେ ମୁଦି ଓ ହାର ମଧ୍ୟ କିଛିଜଣ ବ୍ୟବହାର କରୁଛନ୍ତି।



ରାଜଧାନୀରେ ମଧ୍ୟ ଯୁବପିଢ଼ିଙ୍କ କ୍ଷେତ୍ରରେ ଏହି 'ଇଭିଲ୍ ଆଇ' ଅଳଙ୍କାର ଫେଶନ ଟ୍ରେଣ୍ଡିଂ ଅଧିକ ମାତ୍ରାରେ ଦେଖାଯାଉଛି। ବିଶେଷକରି କଲେଜ ଛାତ୍ରଛାତ୍ରୀମାନେ ଏହି ଅଳଙ୍କାରକୁ ବ୍ୟବହାର କରୁଛନ୍ତି। ଏହି ସବୁ ଅଳଙ୍କରାକୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ କିଣୁଛନ୍ତି। ଏଥିସହ ମାର୍କେଟ୍ ବିଲ୍ଡିଂରେ ଥିବା ବିଭିନ୍ନ କସ୍‌ମେଟିକ୍ ଦୋକାନରେ ଏହି 'ଇଭିଲ୍ ଆଇ'ର ବିଭିନ୍ନ ଅଳଙ୍କାର ମିଳୁଛି। ଏହାର ଦର ୫୦ ଟଙ୍କାରୁ ଆରମ୍ଭ ହୋଇ ୨ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏନେଇ ୟୁନିଟ୍ ୧ର ଦୋକାନୀ ପ୍ରକାଶ ମଙ୍ଗରାଜ କୁହନ୍ତି, ଏହି 'ଇଭିଲ୍ ଆଇ' ଅଳଙ୍କାର ଏବେ ବେଶୀ ଚାଲିଛି। ମାଳି ସହ ଏହି 'ଇଭିଲ୍ ଆଇ' ମାଳି ମିଶିକି ଆସୁଥିବାରୁ ବ୍ରେସ୍‌ଲେଟ ଓ



ଆଙ୍କଲେଟ୍‌କୁ ଅଧିକ ପସନ୍ଦ କରୁଛନ୍ତି। କିଛି ମହିଳା ମଧ୍ୟ ଛୁଆମାନଙ୍କ ପାଦରେ କଳା ସୂତା ବଦଳରେ ଏହି 'ଇଭିଲ୍ ଆଇ'ର ଆଙ୍କଲେଟ୍ ବ୍ୟବହାର କରୁଛନ୍ତି। ଝିଅମାନେ ମଧ୍ୟ ଏହି ଅଳଙ୍କାରକୁ ହାତ ଓ ପାଦରେ ଲଗାଉଛନ୍ତି ବୋଲି କହଛନ୍ତି। ଏହି ସବୁ ଦିଲ୍ଲୀ, ମୁମ୍ବଇ, କୋଲକାତାରୁ ଆସୁଛି। ବିଭିନ୍ନ ରଙ୍ଗରେ ଥିଲେ ମଧ୍ୟ ଯୁବପିଢ଼ି କଳା ରଙ୍ଗର 'ଇଭିଲ୍ ଆଇ' ବ୍ରେସ୍‌ଲେଟ୍ ଓ ଆଙ୍କଲେଟ୍‌କୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି ବୋଲି ସେ କହିଛନ୍ତି। ଏନେଇ ଛାତ୍ରୀ ବର୍ଷା ପଟ୍ଟନାୟକ କୁହନ୍ତି, ଆଗରୁ ପାଦରେ ସମସ୍ତେ ପାଉଁଜି ବ୍ୟବହାର କରୁଥିଲେ। ହେଲେ ଏବେ ସମସ୍ତଙ୍କ ପାଦରେ ପଟେ ଏହି 'ଇଭିଲ୍ ଆଇ'ର ଆଙ୍କଲେଟ୍ ରହିଛି। ଯାହାକି ଏବେ ଏହା ଏକ ଫେଶନ କହିଲେ ଚଳେ। ହେଲେ ଏହି ସବୁ ଅନ୍‌ଲାଇନ୍‌ରେ ଟିକେ କମ୍ ଦାମ୍‌ରେ ମିଳୁଥିବାବେଳେ ଅଫ୍‌ଲାଇନ୍‌ରେ ଟିକେ ଅଧିକ ଟଙ୍କା ନେଉଛନ୍ତି ବୋଲି ସେ କହିଛନ୍ତି।

## ଔଷଧୀୟ ଉଦ୍ୟାନ ମଧ୍ୟସ୍ଥ ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୧।୧(ସମିସ):** ପାତ୍ରପଡ଼ା ସ୍ଥିତ ଔଷଧୀୟ ଉଦ୍ୟାନ ମଧ୍ୟରେ ଭାରତୀୟ ଯୋଗ ସଂସ୍ଥାନ ଦ୍ୱାରା ପରିଚାଳିତ ନିଃଶୁଳ୍କ ଚରକ ଯୋଗ ସାଧନା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପତଞ୍ଜଳି ଯୋଗପୀଠ ଓଡ଼ିଶା ରାଜ୍ୟ ପ୍ରାଦେଶିକ ମୁଖ୍ୟ ସୁଧାଂଶୁ ଶେଖର ଅଧିକାରୀ ଯୋଗଦେଇ ଯୋଗସୂତ୍ରଗୁଡ଼ିକୁ ବିଷଦ୍ ଭାବରେ ବ୍ୟାଖ୍ୟା କରିବା ସହିତ ନିୟମିତ ଯୋଗାଭ୍ୟାସର ଉପକାରିତାଗୁଡ଼ିକୁ ବର୍ଣ୍ଣନା କରିଥିଲେ। ସଂସ୍ଥାନର ଓଡ଼ିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ସଭାପତିତ୍ୱ କରି ସଂସ୍ଥାନର ଯୋଗ ମାଧ୍ୟମରେ ନିଃଶୁଳ୍କ ସେବା ବିଷୟରେ ଉଦ୍‌ବୋଧନ ଦେଇଥିଲେ। କ୍ଷେତ୍ର ପ୍ରଧାନ ପ୍ରଫେସର ଦଧିବାମନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସାଧକସାଧିକା ତଥା ଅଧିକାରୀଙ୍କୁ ଅର୍ଦ୍ଧଚକ୍ରାସନ, କୋଣାସନ, ସର୍ପାସନ, ମକରାସନ, ଶବାସନ ଇତ୍ୟାଦି ଯୋଗାସନ ଏବଂ ଅନୁଲୋମ ବିଲୋମ, କପାଳଭାତି, ଭ୍ରାମରୀ ଇତ୍ୟାଦି ପ୍ରାଣାୟାମ ସହିତ ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର ଧ୍ୟାନ ଅଭ୍ୟାସ କରାଇଥିଲେ। ଅନ୍ୟମାନଙ୍କ ସହିତ ପ୍ରାନ୍ତ ସଦସ୍ୟ ରାମାୟା ରେ‡ୀ ଏବଂ ଜିଲ୍ଲା ପ୍ରଧାନ ପରମାନନ୍ଦ ପାତ୍ର ମଞ୍ଚାସୀନ ହୋଇଥିଲେ। କେନ୍ଦ୍ର ପ୍ରମୁଖ ଫକୀର ଚରଣ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କ୍ଷେତ୍ର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିର



**ବାଲିଅନ୍ତା, ୧୧।୧(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ବାଲିଅନ୍ତା ପଞ୍ଚାୟତ ସମିତି ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଓ ବୟୋଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଓ ଖୋର୍ଦ୍ଧା ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ କାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିବା ସହିତ ପ୍ରମାଣପତ୍ର ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ମାନସିକ ବିକାରଗ୍ରସ୍ତ, ଅସ୍ଥିଶଲ୍ୟ, ଶ୍ରବଣ ଓ ଦୃଷ୍ଟିବାଧିତ ଏବଂ ଶିଶୁ ବିଭାଗ ଡାକ୍ତର ପରୀକ୍ଷା କରାଇଥିଲେ। ବିଭିନ୍ନ କ୍ଷେତ୍ରରେ ମୋଟ ୩ ଶହ ୪୨ ଜଣ ହିତାଧିକାରୀ ବିଭିନ୍ନ ସହାୟତା ନେଇ ପଞ୍ଜୀକରଣ କରିଥିବାବେଳେ ସେଥିମଧ୍ୟରେ ୨୩୩ ଜଣଙ୍କୁ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଶିବିରରେ ୨ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଗୋଡ଼ ପ୍ରଦାନ କରାଯାଇଥିଲା। ଅତିରିକ୍ତ ବିଡିଓ ଅପରାଜିତା ସ୍ୱାଇଁ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ନାରାୟଣ ଦାସ ଓ ପୂଜାରାଣୀ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରଦ୍ଧାଳୁଙ୍କୁ ଶୋଷୁଛନ୍ତି ଅବଢ଼ା ବିକ୍ରେତା

# ଭିଡ଼ ବଢ଼ିଲେ ଦର ବଢୁଛି



**ଭୁବନେଶ୍ୱର, ୧୧।୧ (ସମିସ):** ସମ୍ପ୍ରତି ଏକାମ୍ର କ୍ଷେତ୍ରର ଶ୍ରୀଲିଙ୍ଗରାଜ ଓ ଶ୍ରୀଅନନ୍ତ ବାସୁଦେବ ମନ୍ଦିରରେ ଅବଢ଼ା ଦର ବେଲଗାମ୍ ହୋଇପଡ଼ିଛି। ଅବଢ଼ାର ଆକାଶଛୁଆଁ ଦରକୁ ନେଇ ଭକ୍ତ ଓ ଶ୍ରଦ୍ଧାଳୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଢ଼େଇ ଶହ ଟଙ୍କାର ଅବଢ଼ାରେ ଜଣଙ୍କ ପେଟ ପୂରୁନାହିଁ। ପ୍ରସାଦ ବିକ୍ରି ନାଁରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଶୋଷଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ପ୍ରଥମେ ପନିପରିବା ଦର ବୃଦ୍ଧି କଥା କହି ଦର ବଢ଼ାଇଥିବାବେଳେ ଏବେ ପରିବା ଦର ହ୍ରାସ ପାଇଥିଲେ ହେଁ ଅବଢ଼ା ଦର କମୁନି। ବରଂ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ଭିଡ଼ ଦେଖିଲେ ଦର ବଢ଼ାଇଦେଉଛନ୍ତି। ମନଇଚ୍ଛା ଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି। ଅବଢ଼ା ବିକ୍ରେତାଙ୍କ ଉପରେ ମନ୍ଦିର ପ୍ରଶାସନର ନିୟନ୍ତ୍ରଣ ନ ଥିବାରୁ ସେମାନେ ଏଭଳି ମନମାନି କରୁଥିବା ଅଭିଯୋଗ ହୋଇଛି। ଶ୍ରଦ୍ଧାଳୁମାନଙ୍କ ଅଭିଯୋଗ ଅନୁସାରେ ଏବେ ଆନନ୍ଦ ବଜାରରେ ଶୃଙ୍ଖଳା ମୋଟେ ନାହିଁ। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ସାରି ଭକ୍ତ ତଥା ଶ୍ରଦ୍ଧାଳୁ ବଡ଼ ଆଗ୍ରହରେ ଅବଢ଼ା କିଣିବାକୁ ମନ ବଳାଉଛି। କିନ୍ତୁ ଦର ଶୁଣିବା ପରେ ଆପେଆପେ ତଣ୍ଟି ଶୁଖିଯାଉଛି।

**୪ଜଣ ଲୋକ ଖାଇବାକୁ ହଜାରେ ଟଙ୍କା ଅଣ୍ଟୁନି**

**ନିର୍ଦ୍ଧାରିତ ଦର ତାଲିକା ମାରିବାକୁ ଦାବି**

ଜଣଙ୍କ ପାଇଁ କିଣିଲେ ଅଢ଼େଇ ଶହ ଟଙ୍କାରୁ କମ୍ ହେଉନାହିଁ। ପୁଣି ଯେତିକି ପରିମାଣର ପ୍ରସାଦ ମିଳୁଛି, ସେଥିରେ ପେଟ ପୂରିବା ନାଁ ଧରୁନାହିଁ। ଗୋଟିଏ ଯୋଡ଼ିଏ ମୁଠା ଅନ୍ନ ପ୍ରସାଦରେ ତରକାରୀ ଶେଷ। ଏବେ ଜାନୁଆରୀ ମାସ ହୋଇଥିବାରୁ ପ୍ରତ୍ୟେକ ଦିନ ଲିଙ୍ଗରାଜ ମନ୍ଦିରକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବାରେ ଲାଗିଛି। ପ୍ରତିଦିନ ମନ୍ଦିରରେ ପ୍ରବଳ ଭିଡ଼ ରହୁଛି। ଏହି ମଉକାରେ ଅବଢ଼ା ବିକ୍ରେତାଙ୍କ ମନମାନି ସବୁ ସୀମା ଟପିଯାଉଛି। ପାଟିକୁ ଯାହା ଆସୁଛି, ସେହି ଦର କଷୁଛନ୍ତି।

ଲିଙ୍ଗରାଜ ଓ ଅନନ୍ତ ବାସୁଦେବ ମନ୍ଦିର ପରିସରରେ ପ୍ରବଳ ଭିଡ଼ ହେଉଛି। ଯେତିକି ଶ୍ରଦ୍ଧାଳୁ ହେଉଛନ୍ତି, ସେହି ଅନୁପାତରେ ଅବଢ଼ା ବିକ୍ରେତା ନାହାନ୍ତି। ପ୍ରସାଦ ବି ସେତିକି ମାତ୍ରାରେ ଉଲପବ୍ଧ ହେଉନି। ଫଳରେ ଯେତିକି ପ୍ରସାଦ ରନ୍ଧା ହେଉଛି, ତାକୁ ଅଧିକ ଦାମ୍‌ରେ ବିକ୍ରି କରୁଛନ୍ତି। ଜଣେ ଜଣେ ବିକ୍ରେତାଙ୍କ ପାଖରେ ୨୫ରୁ ୩୦ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ହଠାତ୍ ଗ୍ରାହକଙ୍କ ଭିଡ଼ ଦେଖି ବିକ୍ରେତାମାନେ ମନଇଚ୍ଛା ଦର ବଢ଼ାଉଛନ୍ତି। ବେସର, ମହୁର, ଶାଗର ଛୋଟ କୁଡୁଆ ଦାମ୍ ୨ରୁ ୩ ଶହ ଟଙ୍କା ହୋଇଗଲାଣି। ଚାରିଜଣିଆ ପରିବାର ହଜାରେ ଟଙ୍କା ଗଣିବାକୁ ବାଧ ହେଉଛନ୍ତି। ପଇସାବାଲା ସିନା ବର୍ଦ୍ଧିତ ଦରରେ କିଣି ଖାଉଛନ୍ତି, ଏତେ ଟଙ୍କା ଦାମ୍ ଶୁଣି ବହୁ ଶ୍ରଦ୍ଧାଳୁ ମନମାରି ଫେରିବାକୁ ବାଧ ହେଉଛନ୍ତି। ଅବଢ଼ା କିଣି ନ ପାରି ସେମାନେ ଭୋକ ଉପାସରେ ମନ୍ଦିରରୁ ହତାଶ ହୋଇ ଫେରୁଛନ୍ତି। ମନ୍ଦିର ଭିତରେ ଅବଢ଼ା ବିକ୍ରେତାମାନେ ବଡ଼ ନିର୍ଦ୍ଦୟ ଭାବେ ଏଭଳି ଶୋଷଣ କରୁଥିବାବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜୁଛି।

ଏନେଇ ଜଣେ ସେବାୟତଙ୍କ କହିବା କଥା ଯେ ଏହା ବଡ଼ ଖରାପ କଥା। ଅବଢ଼ା ବିକ୍ରେତାଙ୍କ ଏଭଳି ଆଚରଣ ଯୋଗୁଁ ମନ୍ଦିରକୁ ନେଇ ବାହାରେ ଲୋକଙ୍କ ଭିତରେ ଖରାପ ପ୍ରଭାବ ପକାଉଛି। ପ୍ରବଳ ଭିଡ଼ର ଫାଇଦା ନେଇ ବିକ୍ରେତାମାନେ ଏଭଳି କରୁଛନ୍ତି। ନିର୍ଦ୍ଧାରିତ ରେଟ୍ ଚାର୍ଟ ଥିଲେ, ଏମିତି ପରିସ୍ଥିତି ହୋଇନଥା'ନ୍ତା। ତେଣୁ ତଦନ୍ତ କଲେ, ଜଣାପଡ଼ିବ ବୋଲି ସେ କହିଥିଲେ।

## ୧୫ରୁ ନନ୍ଦନକାନନ ଜଗନ୍ନାଥ ମନ୍ଦିରରେ ପ୍ରସାଦ ବ୍ୟବସ୍ଥା

**ନନ୍ଦନକାନନ,୧୧।୧(ସମିସ):** ନନ୍ଦନକାନନ ଛକରେ ଥିବା ଜଗନ୍ନାଥ ମନ୍ଦିରରେ ଆସନ୍ତା ୧୫ ତାରିଖଠାରୁ ଭକ୍ତଙ୍କ ଲାଗି ପ୍ରସାଦ ବ୍ୟବସ୍ଥା ଉପଲବ୍ଧ ହେବ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ପ୍ରଥମ କରି ଏହି ଦିନରୁ ପ୍ରସାଦ ରନ୍ଧନ କରାଯାଇ ତିନି ଠାକୁରଙ୍କ ପାଖରେ ଭୋଗ କରାଯିବା ପରେ ଆନନ୍ଦ ବଜାରକୁ ଯିବ। ସେଠାରୁ ଇଚ୍ଛୁକ ଭକ୍ତମାନେ ଆବଶ୍ୟକ ମୂଲ୍ୟ ଦେଇ ପ୍ରସାଦ ନେଇପାରିବେ।

## ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଉଦ୍‌ଯାପିତ



**ଭୁବନେଶ୍ୱର,୧୧।୧(ସମିସ):** ମୁକ୍ତେଶ୍ୱର ମୁକ୍ତାକାଶ ମଞ୍ଚରେ ଆୟୋଜିତ ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶେଷ ସନ୍ଧ୍ୟାର ପ୍ରଥମ ଚରଣରେ ଗୁଡ୍‌ଲି ରଥ ଏବଂ ସାଥୀଙ୍କ ଦ୍ୱାରା ଶିବ ବନ୍ଦନା ପରିବେଷଣ ହୋଇଥିଲା। ପରେ ନୃତ୍ୟଶିଳ୍ପୀ ସୋହିନୀ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା କଥକ, ପୂର୍ଣ୍ଣଶ୍ରୀ ରାଉତ ଏବଂ ଡ. ଅନିଶ ରାଗଭନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରିଶେଷରେ ନୃତ୍ୟଶିଳ୍ପୀ ସୁମନ ସରୱଗୀ ଏବଂ ଗ୍ରୁପ ମଣିପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶେଷ ସନ୍ଧ୍ୟାରେ ନୃତ୍ୟଶିଳ୍ପୀ ସୋହିନୀ ବନ୍ଦୋପାଧ୍ୟାୟ କଥକ ନୃତ୍ୟ ପରିବେଷଣ କରିଥିଲେ। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଫେସର ସବିତା ପ୍ରଧାନ, ବିଶିଷ୍ଟ ନାଟ୍ୟକାର ଦୋଳଗୋବିନ୍ଦ ରଥ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଇଲିଆନା ସିତାରିଷ୍ଟି, ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ.ଭାଗ୍ୟଲିପି ମଲ୍ଲ ଓ ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଏକାମ୍ର ଉତ୍ସବର ସପ୍ତମ ସନ୍ଧ୍ୟା**

## ଝୁମେଇଲେ ଅନ୍ତରା



**ଭୁବନେଶ୍ୱର,୧୧।୧(ସମିସ):** ସଭିଙ୍କୁ କିମିଆ କରୁଛି ଏକାମ୍ର ଉତ୍ସବ। ଏହାର ସପ୍ତମ ସନ୍ଧ୍ୟାରେ ଓଲିଉଡ୍ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ମନଛୁଆଁ ଗୀତ ପରିବେଶକୁ ଅଧିକ ସ୍ମୃତିମଧୂର କରିଥିଲା। ତାଙ୍କ ଗୀତ ତାଳେ ତାଳେ ଦର୍ଶକଙ୍କ ନୃତ୍ୟ ଏହାକୁ ଅଧିକ ଆକର୍ଷଣୀୟ କରିଥିଲା। ଏକାମ୍ର ଉତ୍ସବ ସହିତ ସକାଳୁ ପାର୍କରେ କାହାଣୀ ଉତ୍ସବରେ କୁନି ପିଲାଙ୍କୁ ସୁନ୍ଦର ମାହୋଲ ସହ ଫିଟ୍‌ନେସ୍ ଭଳି ରହିଛି ଆହୁରି ଅନେକ କାର୍ଯ୍ୟକ୍ରମ। ସେହିଭଳି ସନ୍ଧ୍ୟାରେ କଳା, ଐତିହ୍ୟ, ପାରମ୍ପରିକ ହସ୍ତଶିଳ୍ପ ସାଙ୍ଗକୁ ରଙ୍ଗାରଙ୍ଗ ପରିବେଶରେ ଲୋକନୃତ୍ୟ ଏବଂ ଓଲିଉଡ୍ ସାଂସ୍କୃତିକ ସନ୍ଧ୍ୟା, ସତେ ଯେମିତି ଏକ ନିଆରା ଅନୁଭୂତି ଦେଉଛି।

ବିଡିଏ ପକ୍ଷରୁ ଗତ ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ପାଞ୍ଚଟି ପ୍ରମୁଖ ପାର୍କରେ ଏକାମ୍ର ଉତ୍ସବ ଆୟୋଜିତ ହେଉଛି। ୭ମ ଦିନରେ ସକାଳୁ ସକାଳୁ ସମସ୍ତ ପ୍ରମୁଖ ପାର୍କରେ କାହାଣୀକାର ପିଲାଙ୍କ ମନକୁ ଛୁଇଁଲା ଭଳି କାହାଣୀ ପରିବେଷଣ କରିଥିଲେ। ମଧୁସୂଦନ, ବୁଦ୍ଧ, ଆଇଜି, ଫରେଷ୍ଟ ଓ ଅବ୍‌ଦୁଲ କଲାମ ପାର୍କରେ ପ୍ରଚିତ୍ରା, ଗୌରହରି, ତପସ୍ୱିନୀ, ସ୍ୱାଗତିକା ଓ ଅନୁଜ ଭଳି କାହାଣୀକାର କାହାଣୀ ଶୁଣାଇଥିଲେ। ସେହିପରି ସାଂସ୍କୃତିକ ସନ୍ଧ୍ୟାରେ ଅର୍ଚ୍ଚିତା, ଶୈଳେନ୍ଦ୍ର, ଭୂମିକା, ସ୍ୱରାଜ, ଶିବାନୀ ପ୍ରମୁଖ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଏହାଛଡ଼ା ସବୁ ପାର୍କରେ ସଙ୍ଗୀତ ମୂର୍ଚ୍ଛନାରେ ଅଭିଜିତ୍, ଅବିନାଶ, ସୌରଭ, ଚିରଞ୍ଜିବୀ ଲାସ୍ୟ ଭଳି କଳାକାର ସଙ୍ଗୀତପ୍ରେମୀଙ୍କୁ ନିଜ ଯାଦୁରେ ବାନ୍ଧି ରଖିଥିଲେ। ଏଠାରେ ଥିବା ମିଶନ ଶକ୍ତିର ଷ୍ଟଲ୍‌ରେ ଖାଇବାର ମଜା ଉଠାଉଛନ୍ତି ଦର୍ଶକ। ଆମ ସମୃଦ୍ଧ ଲୋକକଳାକୁ ବଢ଼ାଇବା ପାଇଁ ମାଲଖମ, ପାଇକନାଚ ଭଳି ଭବ୍ୟ ନୃତ୍ୟକୁ ଦେଖି ପରିଦର୍ଶକ ସ୍ତମ୍ଭିଭୂତ ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ପ୍ରସିଦ୍ଧ ଘୋଡ଼ାନାଚ ପରିବେଷଣ କରିଥିଲେ କଳାକାର।

## ରାଜାରାଣୀ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ



**ଭୁବନେଶ୍ୱର,୧୧।୧(ସମିସ):** ରାଜାରାଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଥିବା ରାଜାରାଣୀ ସଂଗୀତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଗୀତାମଞ୍ଜରୀ ବେହେରା ଓ ଗ୍ରୁପ୍‌ଙ୍କ ଦ୍ୱାରା ଓଡ଼ିଶୀ ସଂଗୀତ ପରିବେଷଣ କରାଯାଇଥିଲା। ଏହା ସହ କେ. ଭୁବନେଶ୍ୱରୀ ଏବଂ ଗ୍ରୁପ୍ ଓ ଅଭିରାମ ନନ୍ଦ ଏବଂ ଗ୍ରୁପ୍ ସମବେତ ବାଦ୍ୟ ପରିବେଷଣ କରିଥିଲେ।

## ଝାଡ଼ଖଣ୍ଡର ଅଭିଜାଲ୍ 'ଟ୍ରାଇବାଲ୍ କୁଇନ୍ ଇଣ୍ଡିଆ'

**ଭୁବନେଶ୍ୱର,୧୧।୧(ସମିସ):** ସୁନ୍ଦରତା କେବଳ ଦେହର ରଙ୍ଗରେ ନ ଥାଏ। ସଂସ୍କୃତି, ପରମ୍ପରା, ବେଶ ପୋଷାକରେ ମଧ୍ୟ ସୁନ୍ଦରତା ଭରି ରହିଥାଏ। ଯାହାକି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହୋଇଥିବା ଟ୍ରାଇବାଲ ଗ୍ଲୋବାଲ ଫେଷ୍ଟ୍ କାର୍ଯ୍ୟକ୍ରମର ଟ୍ରାଇବାଲ କୁଇନ୍ ଇଣ୍ଡିଆ ପ୍ରତିଯୋଗିତାରେ ଦେଖିବାକୁ ମିଳିଛି। ଏହି ଟ୍ରାଇବାଲ କୁଇନ୍ ଇଣ୍ଡିଆ ପ୍ରତିଯୋଗିତାରେ ମଧ୍ୟପ୍ରଦେଶ, ଓଡ଼ିଶା, ଗୁଜରାଟ, ଛତିଶଗଡ଼, ଜାମ୍ମୁ-କାଶ୍ମୀର, ମିଜୋରାମ, ନାଗାଲାଣ୍ଡ, ମଣିପୁର, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟର ଆଦିବାସୀ ଯୁବତୀମାନେ ରହିଛନ୍ତି। ଝାଡ଼ଖଣ୍ଡ ରାଜ୍ୟର ଓରାଙ୍ଗ ଜନଜାତିର ଝିଅ ଅଭିଜାଲ କାଣ୍ଡୁଲ୍‌ନା ପ୍ରଥମ ସ୍ଥାନ ଅଧିକାର କରି ଟ୍ରାଇବାଲ କୁଇନ୍ ଇଣ୍ଡିଆ ହୋଇଛନ୍ତି। ସେହିପରି ପ୍ରଥମ ରନର୍ସଅପ୍ ମଧ୍ୟପ୍ରଦେଶର ରିଙ୍କି ଭୱର ହୋଇଥିବାବେଳେ ଝାଡ଼ଖଣ୍ଡର ଆଲିଶା ଗୌତମ ଓରନ୍ ଦ୍ୱିତୀୟ ରନର୍ସ ଅପ୍ ଏବଂ ଛତିଶଗଡ଼ର ନନ୍ଦା ନେତମ୍ ନାଗ ତୃତୀୟ ରନର୍ସ ଅପ୍ ହୋଇଛନ୍ତି। ଶନିବାର ଅନୁଷ୍ଠିତ ହେବାକୁ ଥିବା ଟ୍ରାଇବାଲ୍ କୁଇନ୍ ୟୁନିଭର୍ସରେ ଟ୍ରାଇବାଲ କୁଇନ୍ ଇଣ୍ଡିଆ ଟାଇଟଲ୍ ଜିତିଥିବା ଅଭିଜାଲ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଏଥିରେ ବିଚାରକ ଭାବେ ସୁମିଷା ମେହେର, ରୋଜାଲିନ୍ ପରିଡ଼ା, ମାମୁନ୍ ଦାଶ, ଆମ୍ବେରିନା ଅଲି, ଝାନ୍ସିରାଣୀ ଦାସ, ଗୀତାଞ୍ଜଳି ଶର୍ମା, ସୋନାଲିଶା ମହାପାତ୍ର ଯୋଗଦେଇଥିଲେ।




## ଜବରଦଖଲରେ ଶହଶହ ଏକର ସରକାରୀ ଜମି

# ପ୍ରାଣୀ ଚିକିତ୍ସାଳୟ ପାଇଁ ଜାଗା ମିଳୁନି !

**ଭୁବନେଶ୍ୱର,୧୧।୧(ସମିସ):** ରାଜଧାନୀରେ ଶହ ଶହ ଏକର ସରକାରୀ ଜମିକୁ ଲୋକେ ମାଡ଼ି ବସୁଥିଲାବେଳେ ସରକାରୀ କାର୍ଯ୍ୟ ପାଇଁ ପଶୁ ଚିକିତ୍ସା ବିଭାଗକୁ ଜମି ମିଳୁନି। ଯାହାଫଳରେ ରାଜଧାନୀରେ ପଶୁ ଚିକିତ୍ସା ବିଭାଗର ଦୁଇ ପ୍ରଣୀଧନ ନିରୀକ୍ଷକ କେନ୍ଦ୍ର ବନ୍ଦ ହୋଇଗଲାଣି। ସେଗୁଡ଼ିକ ହେଲା ପଳାଶୁଣି ଏବଂ ପାତ୍ରପଡ଼ା ସ୍ଥିତ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର। ଏହି କେନ୍ଦ୍ର ଚଳାଇବାକୁ ବିଭାଗ ପକ୍ଷରୁ ଦୁଇ ଦୁଇ ଥର ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ସ୍ଥାନୀୟ ଅଞ୍ଚଳର ପଶୁପାଳକ ଏଥିପାଇଁ ହଇରାଣ ହେଉଛନ୍ତି। ସରକାରୀ କାର୍ଯ୍ୟ ପାଇଁ ସରକାରୀ ଜମି ନ ମିଳିବାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟପ୍ରକଟ କରାଯାଇଛି।

ରାଜଧାନୀରେ ବିଏମ୍‌ସି ଅଞ୍ଚଳରେ ମୋଟ୍ ୯ଟି ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ରହିଛି। ସେଗୁଡ଼ିକ ହେଲା ଗାଡ଼କଣ, ଖାରବେଳ ନଗର, ନହରକଣ୍ଟା, ଜୟପୁର, ବିଜେବି ନଗର, କେସୁରା, ପଳାଶୁଣି ଏବଂ ପାତ୍ରପଡ଼ା। ସମସ୍ତ କେନ୍ଦ୍ରର ନିଜସ୍ୱ ଘର ରହିଛି। ହେଲେ ପଳାଶୁଣି ଏବଂ ପାତ୍ରପଡ଼ା ଘରୋଇ ଅନୁଷ୍ଠାନରେ ଚାଲୁଥିଲା। ପଳାଶୁଣିରେ ଏକ ଘରୋଇ ଲାଇବ୍ରେରୀ ଅନୁଷ୍ଠାନର ଘରେ ଏହି କାର୍ଯ୍ୟାଳୟ ଚାଲୁଥିଲା। ପାତ୍ରପଡ଼ାରେ ଏକ ବ୍ୟାବସାୟିକ ସଂଘର ଘରେ ଏହି କାର୍ଯ୍ୟାଳୟ

**୩୦ ବର୍ଷର ପୁରୁଣା ଦୁଇ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ଅଚଳ**

**ଚିକିତ୍ସା ପାଇଁ ପଶୁପାଳକ ହନ୍ତସନ୍ତ**

କାର୍ଯ୍ୟକାରୀ କରୁଥିଲା। ହେଲେ ଏବେ ଏମାନେ ଆଉ ଘର ଦେବାକୁ ମନା କରିଦେଲେ। ବହୁଦିନ ଘର ଦେଲୁ ଆଉ ଦେଇପାରିବୁ ନାହିଁ ବୋଲି କହିବାରୁ ଏହି ଦୁଇ ସ୍ଥାନରେ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ବନ୍ଦ ହୋଇଗଲା। ଏହି କର୍ଯ୍ୟାଳୟରେ ପଶୁମାନଙ୍କୁ ଟିକାକରଣ, ଆର୍ଟିଫିସିଆଲ୍ ଇସେମିନେରେସନ କରାଇବା ଏବଂ ସମସ୍ତ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ଲୋକେ ସିଧାସଳଖ ଏମାନଙ୍କ ସହ କଥା ହୋଇ ସରକାରୀ ଯୋଜନାର ଲାଭ ଉଠାଉଥିଲେ। ହେଲେ କିଛିଦିନ ହେବ ୨ଟି କାର୍ଯ୍ୟାଳୟ ବନ୍ଦ ହୋଇଯିବାରୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି କେନ୍ଦ୍ରଗୁଡ଼ିକୁ ଜମି ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପଳାଶୁଣି ଏବଂ ପାତ୍ରପଡ଼ା ସ୍ଥିତ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ୩୦ବର୍ଷର ପୁରୁଣା। ଏଠାରେ ପ୍ରଣୀଧନ ନିରୀକ୍ଷକ ଏବେ ବି ଅଛନ୍ତି। ଏପରିକି ପାତ୍ରପଡ଼ାରେ ଜଣେ ସିନିୟର ଆଟେଣ୍ଡାଣ୍ଟ ବି ଅଛନ୍ତି। କର୍ମଚାରୀ ନିଯୁକ୍ତି ଥାଇ ମଧ୍ୟ ଘର କିମ୍ବା ସରକାରୀ ଜମି ନ ମିଳିବାରୁ କାର୍ଯ୍ୟାଳୟଗୁଡ଼ିକ ଅଚଳ ହୋଇଗଲା। ଏଥିପାଇଁ କୌଣସି ନୂତନ ବିଲ୍ଡିଂର ଆବଶ୍ୟକତା ନାହିଁ ବରଂ କୌଣସି ସରକାରୀ କ୍ୱାର୍ଟର୍ସ କିମ୍ବା ୱାନ୍ ଆର୍‌କେ ସରକାରୀ ଘର ମିଳିଗଲେ ଏହି କାର୍ଯ୍ୟାଳୟ ପୁନର୍ବାର ଚାଲୁ ହୋଇଯିବ ବୋଲି ଜଣେ ବିଭାଗୀୟ କର୍ମଚାରୀ ମତ ରଖିଛନ୍ତି।


! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !




୧୦୮ | EMRI GREEN HEALTH SERVICES

ନିଯୁକ୍ତି ସୁଯୋଗ

୧୦୮ ଆମ୍ବୁଲାନ୍ସ ସେବା

ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| ପଦବୀ | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍‌ଏମ୍‌ଭି (କମରସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୁର୍ଦ୍ଧ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସ) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଡ୍‌କୋ ଟାୱାର୍, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁୟାରୀ ୨୦୨୫ ରୁ ୧୮ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି କନସଲଟାଣ୍ଟ ନିୟୋଜିତ ନାହାଁନ୍ତି। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।





# ଆଦିବାସୀ ମେଳା: ଛୁଟି ଦିନରେ ଅସମ୍ଭାଳ ଭିଡ଼

# ଧରଣୀପେନୁକୁ ଅଣ୍ଡା ଭୋଗ

ଭୁବନେଶ୍ୱର, ୧୧।୧(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଗତ ୫ ତାରିଖଠାରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳା-୨୦୨୫ ସପ୍ତମ ଦିବସରେ ପହଞ୍ଚିଛି। ଶନିବାର ହୋଇଥିବାରୁ ମେଳା ପରିସରରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏସ୍‌ସିଏସ୍‌ଟିଆର୍‌ଟିଆଇର ପ୍ରକାଶନ ଷ୍ଟଲ୍, କଳାବସ୍ତୁ ବିଭାଗର ଜନଜାତି ଅଳଙ୍କାର ଷ୍ଟଲ୍, କାଠ ତିଆରି ସୁନ୍ଦର କାରୁକାର୍ଯ୍ୟ, ଆଦିବାସୀ ହାଟରୁ ବିଭିନ୍ନ ଜଙ୍ଗଲଜାତ ସାମଗ୍ରୀ କିଣିବା ସହ ପ୍ରାଚୀନ ଜନଜାତି ଗୋଷ୍ଠୀର ଘର ଦେଖିବାକୁ ସମସ୍ତେ ଉତ୍ସାହିତ ଥିବା ଦେଖାଯାଇଥିଲା। ସନ୍ଧ୍ୟାରେ ମେଳାର ସାଂସ୍କୃତିକ ମଞ୍ଚରେ ଦର୍ଶକମାନେ ଜନଜାତିଙ୍କ ନୃତ୍ୟକୁ ମନଭରି ଉପଭୋଗ କରିଥିଲେ।

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଇଟିଡିଏ ପକ୍ଷରୁ କୁଟିଆ କନ୍ଧମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଛି ଇଷ୍ଟଦେବୀ ମା' ଧରଣୀପେନୁ। ଗାଁ ମଝିରେ ଅବସ୍ଥିତ ଏହି ଗ୍ରାମଦେବତୀଙ୍କ ନିକଟରେ ବର୍ଷକୁ ୩ଥର ଧୁମ୍‌ଧାମରେ





ପୂଜା କରାଯାଏ। ଫଗୁଣ ମାସରେ ସପ୍ତାହେ ଧରି ମା'ଙ୍କ ପୂଜା କରାଯାଉଥିବାବେଳେ ଉଭୟ ସକାଳେ ଓ ସନ୍ଧ୍ୟାରେ ଆଳତି କରାଯାଇ ଛେଳି, କୁକୁଡ଼ା ପୂଜା କରାଯାଏ। ପୂଜାର ୩ଦିନ ଅର୍ଥାତ୍ ରବିବାର ମଇଁଷି ବଳି ପକାଯାଇ ଏହି ପ୍ରସାଦକୁ ଗାଁର ଘରେ ଘରେ ବଣ୍ଟାଯାଏ। ଏଠାରେ କୁଟିଆ କନ୍ଧମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ପୂଜା କରାଯିବା ସହ ଭଲ ଅମଳ ପାଇଁ ଗ୍ରାମବାସୀ ମାନସିକ କରିଥା'ନ୍ତି। ପ୍ରତିଦିନ ମା'ଙ୍କ ପାଖରେ ଅଣ୍ଡା ଭୋଗ କରାଯାଉଥିବା ଚୁମୁକି ଜାନି ଓ ପପୁ ମାଝୀ କହିଛନ୍ତି।

ଆଦିବାସୀମାନଙ୍କ ଦେବଦେବୀଙ୍କୁ ଓ ତାଙ୍କର ନିଆରା ପର୍ବପର୍ବାଣୀକୁ ଅତି ନିକଟରୁ ଉପଭୋଗ କରିବାକୁ ସହରବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

ସେହିପରି ପାଉଡ଼ି ଭୂୟାଁଙ୍କ ମା' ବିଶିରି ଠାକୁରାଣୀଙ୍କ ମହିମା ବିଷୟରେ ମଧ୍ୟ ଦର୍ଶକଙ୍କ ଆଗ୍ରହ ଦେଖିବାକୁ ମିଳିଥିଲା। କୁଟିଆ କନ୍ଧ ସମ୍ପ୍ରଦାୟର ପ୍ରତ୍ୟେକଙ୍କ ଘରେ ମା' ପୂଜା ପାଇଥା'ନ୍ତି। ଗ୍ରାମବାସୀଙ୍କ ମଙ୍ଗଳ, ପଶୁପକ୍ଷୀ, ଗୋ-ପାଳନ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଉନ୍ନତି ସହ ଅନେକ ମାନସିକ କରି ବର୍ଷରେ ଥରେ ଠାକୁରାଣୀଙ୍କ ଧୁମ୍‌ଧାମରେ ପୂଜାର୍ଚ୍ଚନା କରାଯାଏ। ଏହି ପୂଜାକୁ 'ମା' ବିଶିରି ଯାତ୍ରା' କୁହାଯାଏ। ମା'ଙ୍କ ପୂଜା ପୁରୁଷମାନେ କରୁଥିବାବେଳେ ମହିଳାମାନେ ଉପବାସ ରଖି ୮ ଦିନ ଯାଏ ଦିନରେ ଥରେ ଖାଇଥା'ନ୍ତି। ନୂଆ ଧାନରୁ ଖଇ ତିଆରି କରି ମା'ଙ୍କ ପାଖରେ ଭୋଗ ଲଗାଯାଇଥାଏ। ପୂଜା ଶେଷ ଦିନରେ ସମସ୍ତେ ନୂଆ ବସ୍ତ୍ର, ଅଳଙ୍କାର ପରିଧାନ କରିବା ସହ ନିଜ ମାନସିକ ପୂରଣ କରି ନିଆଁରେ ଚାଲିଥାନ୍ତି। ଶେଷରେ ମା'ଙ୍କ ନିକଟରେ କୁକୁଡ଼ା, ଛେଳି ବଳି ପକାଯାଇ ମା'ଙ୍କ ବିସର୍ଜନ କରାଯାଏ। ମା'ଙ୍କ କୃପାରୁ ବନ୍ଧ୍ୟା ଦୋଷ, ସାପକାମୁଡ଼ା, ଜ୍ୱରଆଦି ରୋଗରୁ ମୁକ୍ତି ମିଳୁଥିବା ଅନୁଗୋଳ ଜିଲ୍ଲା, ଆଇଟିଡିଏ ପାଉଡ଼ି ସମ୍ପ୍ରଦାୟର ମରିଚ ଦେହୁରୀ କହିଛନ୍ତି।

## ଜନଜାତିଙ୍କ ଧର୍ମ ବିଶ୍ୱାସ

ପୃଥିବୀ ପୃଷ୍ଠରେ ବସବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟର ମଣିଷମାନେ ନିଜ ନିଜ ଧର୍ମର ଦେବଦେବୀଙ୍କୁ ବିଶ୍ୱାସ କରିଥା'ନ୍ତି। ସେହିପରି ଆଦିବାସୀ ଜନଜାତିମାନେ ସେମାନଙ୍କ ଇଷ୍ଟ ଦେବଦେବୀଙ୍କୁ ପ୍ରଗାଢ଼ ବିଶ୍ୱାସ କରିଥା'ନ୍ତି। ଭାରତରେ ବାସ କରୁଥିବା ମୋଟ୍ ୬୨ ପ୍ରକାର ଜନଜାତିଙ୍କର ମଧ୍ୟ ରହିଛି ଭିନ୍ନ ଭିନ୍ନ ବିଶ୍ୱାସ ଓ ପରମ୍ପରା।



## ଆଜି ମୁକ୍ତିଲାଭ କରିବ 'ରଙ୍ଗଶୁର'



ଭୁବନେଶ୍ୱର, ୧୧।୧(ସମିସ): ପ୍ରଥମଥର ପାଇଁ ସୋନୀ ପିକ୍‌ଚର୍ସ ଓଡ଼ିଆ ଫିଲ୍ମ ରଙ୍ଗଶୁରକୁ ଅନ୍ତର୍ଜାତୀୟସ୍ତରରେ ବିତରଣ କରିବା ପାଇଁ ଚୁକ୍ତିବଦ୍ଧ କରିଛି। ପୂର୍ବରୁ ଅନେକ ଓଡ଼ିଆ ଚଳଚ୍ଚିତ୍ର ପାନ୍ ଇଣ୍ଡିଆରେ ସ୍ଥାନ ପାଇଥିବାବେଳେ ରଙ୍ଗଶୁରକୁ ଅନ୍ତର୍ଜାତୀୟସ୍ତରରେ ବିତରଣ ଦାୟିତ୍ୱ ସୋନୀ ପିକ୍‌ଚର୍ସ ନେବା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ସିନେମାର ପୂରା ଟିମ୍। ସିନେମାଟି ଓଡ଼ିଶାରେ ସମୁଦାୟ ୬୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଥିବାବେଳେ ବେଙ୍ଗାଲୁରୁ, ହାଇଦରାବାଦ, ଦିଲ୍ଲୀ, ମୁମ୍ବଇ, ପୁନେ, ସୁରଟ ଏବଂ ଚେନ୍ନାଇରେ ମୁକ୍ତିଲାଭ କରିବ। ପ୍ରକାଶ ଫିଲ୍ମ ଏବଂ ମୁନ୍ ଟିଭି ମୁଭିଜ୍‌ର ମିଳିତ ପ୍ରଯୋଜନାରେ ନିର୍ମିତ ଏହି ଓଡ଼ିଆ ଫିଲ୍ମଟି ପାରମ୍ପରିକ ବାଘନାଚ କାହାଣୀକୁ ଦର୍ଶାଯାଇଛି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ପ୍ରତାପ ରାଉତ ଦେଇଥିବାବେଳେ ସଚ୍ଚିକାନ୍ତ ଜେନା, ପ୍ରଶାନ୍ତ ବେହେରା ଏହାର ପ୍ରଯୋଜନା କରିଛନ୍ତି ଏବଂ ସୁନୀଲ ଯାଦବ ଓ ପ୍ରତାପ ରାଉତ ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଦୀପନ୍ୱିତ ଦାସ ମହାପାତ୍ର, ଶୁଭାଶିଷ ଶର୍ମା, ଜ୍ୟୋତି ନାୟକ, ସୂର୍ଯ୍ୟମୟୀ ମହାପାତ୍ର, ଶୁଭଶ୍ରୀ ଜେନା ପ୍ରମୁଖ ଅଭିନୟ କରିଛନ୍ତି।

### ଷ୍ଟୁଆର୍ଟ ସ୍କୁଲ୍ ପକ୍ଷରୁ ବିଜ୍ଞାନ ମେଳା

## ୫୦୦ ବିଜ୍ଞାନ ପ୍ରକଳ୍ପ, ୩୦୦ ଚିତ୍ରକଳା ପ୍ରଦର୍ଶିତ

ଭୁବନେଶ୍ୱର, ୧୧।୧(ସମିସ): ଫୁଲ ପରି କୋମଳ ପିଲାମାନେ ଭଗବାନଙ୍କ ଦାନ। ଆଉ ଏମାନଙ୍କ ପାଖରେ ରହିଥିବା ଅଦମ୍ୟ ଇଚ୍ଛାଶକ୍ତି, ଦକ୍ଷତା, ନୂଆ ନୂଆ ଜିନିଷ ଜାଣିବାର ଇଚ୍ଛା ହିଁ ଏଠାରେ ସେମାନେ ପ୍ରତିପାଦନ କରିଛନ୍ତି। ଯାହା ତାଙ୍କୁ ବହୁତ ଆଗକୁ ନେବ ବୋଲି ଷ୍ଟୁଆର୍ଟ ସ୍କୁଲର ବାର୍ଷିକ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସ୍କୁଲର ପୁରାତନ ତଥା ଅଲୁମିନାଇ ୧୯୬୫ ବ୍ୟାଚ୍‌ର ଛାତ୍ର ଅଜୟକେ ସୁଦା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଛନ୍ତି। ଷ୍ଟୁଆର୍ଟ ସ୍କୁଲ ପକ୍ଷରୁ ଆୟୋଜିତ ବାର୍ଷିକ ବିଜ୍ଞାନ ଓ ଚିତ୍ରକଳା ପ୍ରର୍ଦଶନୀ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପ୍ରାୟ ୫୦୦ଟି ବିଜ୍ଞାନ ସମ୍ବଳିତ



ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ୩୦୦ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୧୫୦୦ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ବର୍ଷର ଥିମ୍ ରହିଥିଲା ରୋବୋଟିକ୍ ଓ ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡ. ପିକେ ମିଶ୍ର, ଡ. ନେତାଜୀ ଉପାଧ୍ୟାୟ, ଓଡ଼ିଶା ବିଜ୍ଞାନ ଏକାଡେମୀର ସମ୍ପାଦକ ଆଶିଷ୍ କୁମାର ମହାନ୍ତିଙ୍କ ସମେତ ସ୍କୁଲର ସମ୍ପାଦକ ଡ. ଏଫ୍‌ସି ନର୍ଥ ଓ ପ୍ରିନ୍ସପାଲ ଡ. ଆର୍‌ଆର୍ ସେନାପତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ଆଲୁମିନାଇଙ୍କ ସମାଗମ ହୋଇଥିଲା।

## ସୋଆରେ ପ୍ରଦୂଷଣ ଦୂରୀକରଣ ସମ୍ପର୍କିତ ନୂତନ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୧୧।୧(ସମିସ): ପ୍ରଦୂଷଣ ଦୂରୀକରଣ ସମ୍ପର୍କରେ ଲିଖିତ ପୁସ୍ତକ 'ସଷ୍ଟେନେବଲ୍ ମ୍ୟାନେଜ୍‌ମେଣ୍ଟ ଅଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ପଲ୍ୟୁଟାଣ୍ଟ୍ସ ଥ୍ରୁ ଫାଇଟୋରେମେଡିଏସନ୍' ଉନ୍ମୋଚିତ ହୋଇଯାଇଛି। ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜ ରଞ୍ଜନ ନାୟକ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ପୁସ୍ତକଟି ୪ ଜଣ ଗବେଷକଙ୍କ ଦ୍ୱାରା ଅନୁଦିତ ହୋଇଛି। ସେମାନେ ହେଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ରିସର୍ଚ୍ଚ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଦତ୍ତତ୍ରେୟ କର, ସେଣ୍ଟର ଫର୍ ବାୟୋଟେକ୍ନୋଲୋଜିର ଆସିଷ୍ଟାଣ୍ଟ ପ୍ରଫେସର ଡ. ଅନନ୍ୟା କୁଅଁର ଏବଂ ଅନ୍ୟ ଦୁଇଜଣ ଗବେଷକ ହେଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ଆଲୋକ ପ୍ରସାଦ ଦାସ ଓ ଗବେଷକ ଓ ଲେଖକ ଡ. ମଲିନ୍ ପି. ସାହ। ପୁସ୍ତକ ଉନ୍ମୋଚନ ବେଳେ ଡ. ଦତ୍ତତ୍ରେୟ କର ଓ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଉପସ୍ଥିତ ଥିଲେ।

## ହଜିଲା ବ୍ୟାଗ୍ ଫେରିପାଇଲେ ପ୍ରବାସୀ ପ୍ରତିନିଧି

ଭୁବନେଶ୍ୱର, ୧୧।୧(ସମିସ): ଇଂଲଣ୍ଡରୁ ଆସିଥିବା ପ୍ରବାସୀ ପ୍ରତିନିଧି (ଡେଲିଗେଟ୍ସ)ଙ୍କ ବ୍ୟାଗ୍ ହଜିଗଲା। ଏହି ବ୍ୟାଗ୍ ପାଇଁ ସେ ଚିନ୍ତାରେ ରହିଥିଲେ। କାରଣ ଏଥିରେ ଦେଶକୁ ଫେରିବା ପାଇଁ ପାସ୍‌ପୋର୍ଟ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ଏନେଇ ଡେଲିଗେଟ୍ସ ପୁଲିସକୁ ଜଣାଇଥିଲେ। ଶେଷରେ ହଜିଥିବା ବ୍ୟାଗ୍ ପାଇ ଫେରାଇଲା ମୈତ୍ରୀ ବିହାର ଥାନା ପୁଲିସ। ପ୍ରବାସୀ ଭାରତୀୟ ଦିବସ ପାଇଁ ଜନତା ମଇଦାନ ଭିତରେ ପ୍ରବଳ ଭିଡ଼ ହୋଇଥିଲା। ଭିଡ଼ ଭିତରେ ଅନେକ ପ୍ରବାସୀ ଥିବାବେଳେ ତାଙ୍କ ସହ ବିଭିନ୍ନ ଦେଶର ଡେଲିଗେଟ୍ସ ଆସିଥିଲେ। ତାଙ୍କ ଭିତରେ ୟୁକେରୁ ଆସିଥିବା ଡେଲିଗେଟ୍ସଙ୍କର ଭୁଲ୍‌ବଶତଃ ବ୍ୟାଗ୍ ଏକ୍ସଚେଞ୍ଜ ହୋଇଯାଇଥିଲା। ଫଳରେ ଚାରିଆଡ଼େ ପୁଲିସ ତନାଘନା ଚଳାଇଥିଲା। ମୈତ୍ରୀ ବିହାର ଥାନା ପୁଲିସ ସ୍ଥାନୀୟ ସିସିଟିଭି ଯାଞ୍ଚ କରି ତାଙ୍କ ବ୍ୟାଗ ପାଇଥିଲା। ସିସିଟିଭି ଯାଞ୍ଚ ପରେ ଭୁଲ୍‌ରେ ନେଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ତାଙ୍କ ଗାଡ଼ି ନିକଟକୁ ଯାଇଥିଲେ। ତାଙ୍କୁ ପଚାରିବା ସହ ବ୍ୟାଗ୍ ଚେକ୍ କରିବାକୁ କହିଥିଲେ। ଚେକ୍ କରିବା ପରେ ଉକ୍ତ ବ୍ୟାଗ୍ ତାଙ୍କର ନୁହେଁ କହିବା ପରେ ଫେରାଇଥିଲେ। ଉଭୟଙ୍କ ଏକ୍ସଚେଞ୍ଜ ହୋଇଥିବା ବ୍ୟାଗ୍‌କୁ ପୁଲିସ ଉଭୟଙ୍କୁ ଫେରାଇଥିଲା। ଶେଷରେ ୟୁକେ ଡେଲିଗେଟ୍ସ ପୁଲିସ କମିସନର ଓ କମିସନରେଟ୍ ପୁଲିସକୁ ଧନ୍ୟବାଦ ଦେଇଛନ୍ତି।

## ୟୁନିଟ୍-୬ ପୁରାତନ ଛାତ୍ର ସଂଗଠନର 'ହୀରକ ଜୟନ୍ତୀ'



ଭୁବନେଶ୍ୱର, ୧୧।୧(ସମିସ): ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୟୁନିଟ୍-୬ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଦୁଇ ଦିନିଆ 'ହୀରକ ଜୟନ୍ତୀ' ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମୁଖ୍ୟବକ୍ତା ଜଷ୍ଟିସ ପ୍ରମଥ ପଟ୍ଟନାୟକ ଯୋଗଦେଇଥିଲେ। ଛାତ୍ର ସଂଗଠନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂପାଲୀ ସେନାପତି, ଟ୍ରଷ୍ଟି ଦୁର୍ଗା ପ୍ରସାଦ ମହାପାତ୍ର ଓ ସମ୍ପାଦକ ମାନସ ରାୟ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମ୍ ହସ୍ପିଟାଲ ପକ୍ଷରୁ ମଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଚର୍ମ, ମେଡିସିନ୍, ଅସ୍ଥିଶଲ୍ୟ, ସର୍ଜରୀ ଓ ଡେଣ୍ଟାଲ ଆଦି ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଚିକିତ୍ସା ପରାମର୍ଶ ଦେଇଥିଲେ। ଏଥିରେ ୩୭୦ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରଥମେ ପୁରାତନ ଛାତ୍ରଙ୍କ ଦ୍ୱାରା ସକାଳେ ପ୍ରଭାତ ଫେରି କରାଯାଇଥିଲା। ଯେଉଁଥିରେ ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀମାନେ ମିଶି ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଙ୍କ ଦ୍ୱାରା ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାତିର ସାଥୀ ସାଜିଛନ୍ତି ପ୍ରିୟରଞ୍ଜନ

ଭୁବନେଶ୍ୱର, ୧୧।୧(ସମିସ): ବର୍ତ୍ତମାନ ସମୟରେ ସମାଜସେବାର ଭିନ୍ନ ଓ ନିଆରା ପ୍ରତିଛବି ଦେଖିବାକୁ ମିଳୁଛି। ଯାହାର ଉଦାହରଣ ସାଜିଛନ୍ତି ପ୍ରିୟ ରଞ୍ଜନ ସାମଲ। ରାଜଧାନୀର ବସ୍ ଷ୍ଟାଣ୍ଡ, ହସ୍ପିଟାଲ ଏବଂ ରେଳ ଷ୍ଟେସନ୍ ବାହାରେ ରାତି ସମୟରେ କପେ ଚା' ସହ ବିସ୍କୁଟ ଧରି ପହଞ୍ଚି ଯାଆନ୍ତି ସେ। ପ୍ରତିବଦଳରେ ଟଙ୍କାଟିଏ ରଖିଥା'ନ୍ତି। ବେପାର ଆଶାରେ ନୁହେଁ; ବରଂ ସେବା ମନୋବୃତ୍ତି ନେଇ ରାତିରେ ଘୂରି ବୁଲନ୍ତି ରାଜଧାନୀ ରାସ୍ତାରେ। ଖରା, ବର୍ଷା କି ଶୀତ ତାଙ୍କୁ ଆଜି ବି ଅଟକାଇ ପାରିନି। ଅସହାୟ ଲୋକଙ୍କୁ ସାହାଯ୍ୟ ହିଁ ତାଙ୍କର ଗୋଟିଏ ଉଦ୍ଦେଶ୍ୟ ବୋଲି ସେ ଉତ୍ତର ଦେଇଥା'ନ୍ତି। ଯେ କି ଆଜି ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି।

ଦୀର୍ଘ ୧୦ ବର୍ଷ ହେବ ପ୍ରିୟ ରଞ୍ଜନ ଏହି ସେବା ବସ୍ ଷ୍ଟାଣ୍ଡ, ହସ୍ପିଟାଲ ଏବଂ ରେଳ ଷ୍ଟେସନ ଭଳି ସ୍ଥାନରେ ଦେଇ ଆସୁଛନ୍ତି। ବର୍ତ୍ତମାନ ସମୟରେ ପ୍ରିୟ ଭାଇ ବୋଲି ସବୁଠି ଜଣାଶୁଣା। ଯେଉଁ ସମୟରେ ପୂରା ରାଜଧାନୀ ଶୋଇଥାଏ, ସେତେବେଳେ ସେ ନିଜ ସ୍କୁଟିରେ ବାହାରନ୍ତି ଚା' ଓ ବିସ୍କୁଟ୍ ଧରି ଲୋକଙ୍କ ପାଖକୁ। ତାଙ୍କ ସ୍କୁଟିରେ ମଧ୍ୟ ଚା'ର ମୂଲ୍ୟ ୧ ଟଙ୍କା ବୋଲି ଲେଖା ରହିଛି। ପ୍ରିୟ ରଞ୍ଜନଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ଗୋବିନ୍ଦପୁର ଗ୍ରାମ। କିନ୍ତୁ ସେ ରାଜଧାନୀର




ଲକ୍ଷ୍ମୀସାଗର ଅଞ୍ଚଳରେ ନିଜ ପରିବାର ସହ ରହୁଛନ୍ତି। ତାଙ୍କର ଏକ ଡ୍ରେସ୍ ଦୋକାନ ମଧ୍ୟ ରହିଛି। ସକାଳ ସମୟରେ ଦୋକାନ ସମ୍ଭାଳନ୍ତି ଏବଂ ରାତିରେ ଚା' ଓ ବିସ୍କୁଟ ସେବା ପହଞ୍ଚାନ୍ତି।

ଆଜି କି କାଲି ନୁହେଁ ପ୍ରତିଦିନ ସେ ରାତି ୧୨ଟାରେ ବାହାରିଯାଆନ୍ତି ଏବଂ ଭୋର୍ ୫କି ୬ଟାରେ ଘରେ ପହଞ୍ଚିଥା'ନ୍ତି। କେବଳ ସେତିକି ନୁହେଁ ଘରୁ ବାହାରିଲେ ସାଥିରେ ଗୋଟିଏ ବୋତଲ ପେଟ୍ରୋଲ ଓ ଡିଜେଲ ମଧ୍ୟ ରଖନ୍ତି। କାରଣ ରାତି ସମୟରେ ବାଟରେ କୌଣସି ଲୋକର ହଠାତ୍ ଦରକାର ପଡ଼ିଲେ ସେ ସାହାଯ୍ୟ କରିପାରିବେ। ରାତି ସମୟରେ ଅସହାୟଙ୍କୁ ସାହାଯ୍ୟ କରିବାକୁ ସ୍ୱଇଚ୍ଛାରେ ଲୋକ ତାଙ୍କ ସହ ଯୋଡ଼ିହେଲେ ସେ ବେଶୀ ଖୁସି ହେବେ ବୋଲି କୁହନ୍ତି। ପ୍ରତିଦିନ ସେ ୭ଶହ କପ୍ ଚା' ବିକ୍ରି କରିଥା'ନ୍ତି। କେବେ କିଏ ଟଙ୍କାଟିଏ ଅଧିକ ଦେଲେ ଆଣି ନ ଥା'ନ୍ତି। ଉତ୍ତରରେ କୁହନ୍ତି, ଏସବୁ ସମାଜସେବା ପାଇଁ କରୁଛନ୍ତି କୌଣସି ବ୍ୟବସାୟ ମନୋବୃତ୍ତିରେ ନୁହେଁ। ରାଜମହଲ ଛକ, କଳ୍ପନା ଛକ ପରି ସ୍ଥାନଗୁଡ଼ିକରେ ମଧ୍ୟ ଯେଉଁ ଅସହାୟ କି ବୃଦ୍ଧ ବ୍ୟକ୍ତିଙ୍କୁ ଦେଖନ୍ତି ଶୀତରେ ବିସ୍କୁଟ୍ ସହ ଚା' କପେ ବଢ଼େଇ ଦିଅନ୍ତି। ଏପରି ଶୀତରେ ଲୋକ ବିସ୍କୁଟ ସହ ଗରମ ଚା' ଟିକେ ପାଇ ତାଙ୍କୁ ଆଶୀର୍ବାଦର ହାତ ବଢ଼ାଇ ଦିଅନ୍ତି। ଯାହା ତାଙ୍କୁ ଏହି କାମ ପାଇଁ ପ୍ରେରଣା ଦିଏ ବୋଲି କହିଥିଲେ।

**୧ ଟଙ୍କାରେ ଦେଉଛନ୍ତି ଚା', ବିସ୍କୁଟର ସେବା**



# ଭୁବନେଶ୍ୱର ସିଟି



### ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

# ସୌନ୍ଦର୍ଯ୍ୟ ଓ ଜୀବନଜୀବିକାର ମାଧ୍ୟମ 'ଫୁଲ'



ଆଜି ମଧ୍ୟ ବୁଲିପାରିବେ ପରିଦର୍ଶକ



ଭୁବନେଶ୍ୱର, ୧୧।୧(ସମିସ): ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନର ମିଳିତ ସହଯୋଗରେ ଏକାମ୍ର କାନନଠାରେ ଆୟୋଜିତ ବାର୍ଷିକ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ ଯେ ଏହି ପୁଷ୍ପ ପ୍ରଦର୍ଶନୀ ଆମକୁ ପ୍ରକୃତିକୁ ଭଲପାଇବା ଓ ସଂରକ୍ଷଣ କରିବାରେ ପ୍ରେରଣା ଯୋଗାଇବ। ଫୁଲ ମାନବ ସମାଜ ପାଇଁ ପ୍ରକୃତିର ଏକ ଅଦ୍ଭୁତ ସୌନ୍ଦର୍ଯ୍ୟମୟ ଅବଦାନ। ଆମର ଦୈନନ୍ଦିନ ଜୀବନରେ ଫୁଲର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଫୁଲ ଏକ ସୌନ୍ଦର୍ଯ୍ୟ ଓ ଉପଭୋଗ୍ୟ ବସ୍ତୁ ନ ହୋଇ ଏହା ଆମର ଜୀବନ ଜୀବିକାର ମାଧ୍ୟମ ହୋଇପାରିଛି। ଏହି ପ୍ରଦର୍ଶନୀ କେବଳ ପୁଷ୍ପ ବୃକ୍ଷ ଓ ଲତାଗୁଡ଼ିକର ପ୍ରଦର୍ଶନ ନୁହେଁ ବରଂ ଆମ ପ୍ରକୃତି, ପରିବେଶ ଏବଂ ଜୈବ ବିବିଧତା ପ୍ରତି ସମ୍ମାନ ପ୍ରଦର୍ଶନ, ଏଗୁଡ଼ିକର ସଂରକ୍ଷଣ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପାଦନ ପାଇଁ ପ୍ରେରଣା ଯୋଗାଏ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି। ଏହି ଅବସରରେ ପ୍ରଦର୍ଶନୀରେ ବଗିଚା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଭାଗନେଇଥିବା ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ, ନର୍ସରୀ ଓ ବଗିଚା ଉପକରଣ ବ୍ୟବସାୟୀ ପୁଷ୍ପପ୍ରେମୀ ଜନସାଧାରଣଙ୍କୁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ କୁମାର ପନ୍ତ, ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ସଭାପତି କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ପ୍ରଦର୍ଶନୀ ରବିବାର ମଧ୍ୟ ପର୍ଯ୍ୟଟକମାନେ ବୁଲି ଦେଖିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ନଗେନ ବାରିକଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ'



ଭୁବନେଶ୍ୱର, ୧୧।୧(ସମିସ): ଭାରତୀୟ ଚଳଚ୍ଚିତ୍ର ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ-୨୦୨୫'ରେ ପ୍ରବୀଣ ଚଳଚ୍ଚିତ୍ର ଧ୍ୱନି ସଂଯୋଜକ ନଗେନ କୁମାର ବାରିକ ମନୋନୀତ ହୋଇଛନ୍ତି। ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୩ତମ ଜୟନ୍ତୀ ଅବସରରେ ଆସନ୍ତା ୧୫ ତାରିଖରେ ବୁଦ୍ଧ ମନ୍ଦିରଠାରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଏନେଇ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂ ଏହି ସୂଚନା ଦେଇଛନ୍ତି।

## କିଟ୍‌ରେ ୩ ହଜାର ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର, ୧୧।୧(ସମିସ): କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ଏହି ରକ୍ତଦାନ ଶିବିରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରି କହିଛନ୍ତି ଯେ କିଟ୍ ଓ କିସ୍ ପକ୍ଷରୁ ବାର୍ଷିକ ୬୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯିବାର ଲକ୍ଷ୍ୟ ରହିଛି। ଏଥିପାଇଁ କିଟ୍ ଓ କିସ୍ ପକ୍ଷରୁ ବର୍ଷତମାମ ଓଡ଼ିଶାର ୩୦ଟି ଜିଲ୍ଲାରେ ଏଭଳି ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯିବ ଓ ସଂଗୃହୀତ ରକ୍ତକୁ ରାଜ୍ୟର ବିଭିନ୍ନ ରକ୍ତଭଣ୍ଡାରକୁ ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି। ସେଥିରୁ କେବଳ କିଟ୍ ଓ କିସ୍‌ର କର୍ମଚାରୀ ୬ହଜାର ୟୁନିଟ୍ ରକ୍ତଦାନ କରିବେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡ. ସିବିକେ ମହାନ୍ତି, କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର୍‌ସି ଦାସ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିମ୍‌ସ ମେଡିକାଲ୍ ଗ୍ରୁପ୍ ଡାଇରେକ୍ଟର ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍‌ସର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ କିମ୍‌ସ, ଏସ୍‌ସିବି ମେଡିକାଲ୍ କଲେଜ ହସ୍ପିଟାଲ ରକ୍ତଭଣ୍ଡାର, କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତଭଣ୍ଡାର, କଟକସ୍ଥିତ ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱର ବିଏମ୍‌ସି ହସ୍ପିଟାଲ୍, ଭୁବନେଶ୍ୱରସ୍ଥିତ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଦଳ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ।

## ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୨୧ ପୁରସ୍କାର



ନନ୍ଦନକାନନ, ୧୧।୧(ସମିସ): ଭୁବନେଶ୍ୱର ଏକାମ୍ର କାନନଠାରେ ଅନୁଷ୍ଠିତ ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବା ଷ୍ଟେଟ୍ ବଟାନିକାଲ ଗାର୍ଡେନ୍‌କୁ ୨୧ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ପୁଷ୍ପ ପ୍ରଦର୍ଶନୀ ବର୍ଗରେ ୯ଟି ଓ ଉଦ୍ୟାନ ବର୍ଗରେ ୧୨ଟିରେ ପୁରସ୍କାର ମିଳିଛି। ପର୍ଯ୍ୟାୟ କ୍ରମେ ପ୍ରଥମ ଗହଳ ପତ୍ର ଜାତୀୟ ଉଦ୍ଭିଦରେ, ପ୍ରଥମ ରସାଳ ଉଦ୍ଭିଦ, ପ୍ରଥମ ଗ୍ରନ୍ଥ ଜାତୀୟ, ଦ୍ୱିତୀୟ ମିଶ୍ରିତ ହାଣ୍ଡି ଉଦ୍ଭିଦଗୁଡ଼ିକର ପ୍ରଦର୍ଶନ, ବର୍ଗ-ଏ-ଇ ବ୍ୟତୀତ ଦ୍ୱିତୀୟ ମିଶ୍ରିତ ସତ୍ୟତା, ୨ୟ କଟ୍ ହାଇବ୍ରିଡ୍ ଟୀ' ଗୋଲାପ, ମେରିଟ୍ କଟ୍ ଫୁଲ ଗର୍ବେରା, ମେରିଟ୍ କଟ୍ରୋଜ୍ ହାଇବ୍ରିଡ୍ ଟୀ' (ଷ୍ଟାପେଡ୍ ଗୋଲାପ), ମେରିଟ୍ ଫିଲୋଡେଣ୍ଡ୍ରନ୍/ମନଷ୍ଟର ଉଦ୍ୟାନ ବର୍ଗରେ ପୁରସ୍କାରପ୍ରାପ୍ତ ହୋଇଛି। ଉଦ୍ୟାନ ବର୍ଗରେ ପ୍ରଥମ ବାମନ ଜାତୀୟ ବଗିଚା, ପ୍ରଥମ ଅରଚିଡ୍ ହାଉସ, ପ୍ରଥମ ପ୍ରଜାପତି ଉଦ୍ୟାନ, ଇଷ୍ଟ ହାଇଡ୍ରୋଫାଇଟ୍ ବଗିଚା, ଇଷ୍ଟ କାକ୍ଟସ୍ ଘର, ଇଷ୍ଟ ବୁଗେନ୍‌ଭିଲା ବଗିଚା, କାକ୍ଟସ୍ ଘର, ୨ୟ ଔଷଧୀୟ ବଗିଚା, ୨ୟ କାଚ ଘର, ୨ୟ ବାଉଁଶ ଜାତୀୟ ଉଦ୍ୟାନ, ୨ୟ ମୋଗଲ୍ ବଗିଚା, ୨ୟ ନନ୍ଦନକାନନ ଲନ୍ ଭାବେ ପୁରସ୍କୃତ କରାଯାଇଛି।

### ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଉଦ୍‌ଯାପିତ

## ଓଡ଼ିଶୀ ଅଭିନୟର ଯାଦୁକରୀ ମୂର୍ଚ୍ଛନା



ଭୁବନେଶ୍ୱର, ୧୧।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ୫ ଦିନ ଧରି ଆୟୋଜିତ ହେଉଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଓଡ଼ିଶୀ ମହାକୁମ୍ଭରେ ଦେଶ ତଥା ଦେଶ ବାହାରୁ ଆସିଥିବା ଖ୍ୟାତନାମା ନୃତ୍ୟଶିଳ୍ପୀମାନେ ଅଂଶଗ୍ରହଣ କରିବା ସହିତ ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ ଶୈଳୀ ଯଥା- ଏକକ, ଦ୍ୱୈତ ଓ ଦଳଗତ ନୃତ୍ୟ ଉପସ୍ଥାପନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଛନ୍ତି। ଉଦ୍‌ଯାପନୀ ଦିବସରେ କଟକର ସୂର୍ଯ୍ୟ ଗୁରୁକୁଳ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ମହିଷା ମର୍ଦ୍ଦିନୀ ପରିବେଷଣରୁ ଏକକ ପର୍ଯ୍ୟାୟରେ ପୁରୀର ନନ୍ଦିତା ପ୍ରୀୟଦର୍ଶନୀ ମହାନ୍ତି, କେନ୍ଦୁଝରର ରେଖା ମହାନ୍ତି, ମୁମ୍ବଇର ସଙ୍ଗୀତା ମାନସିଂ ସିଙ୍ଗତ ନୃତ୍ୟ ପରିବେଷଣ କରିଥିଲେ। ସେହିପର ଉତ୍ତର ପ୍ରଦେଶର ଲାଭିଷା ଗୁଲାଟି ଓ ସୌଷା ସିଂହଙ୍କ ଦ୍ୱାରା ପଲ୍ଲବୀ, ଶିଲିଗୁଡ଼ିର ଇଶା ମୁଖାର୍ଜୀଙ୍କ ଦ୍ୱାରା ଅଭିନୟ ଜୟ ଭଗବତୀ ଦେବୀ ନମୋ ବରଦେ ଏବଂ ଶେଷରେ ଅଙ୍ଗିକା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ରୁଦ୍ରାଷ୍ଟକ ପରିବେଷିତ ହୋଇଥିଲା। ପଶ୍ଚିମବଙ୍ଗର ନୃତ୍ୟବାସ ପ୍ରେରଣା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ଦ୍ରୌପଦୀ ପରିବେଷିତ ହୋଇଥିଲା। ରୁଷିଆର ଅନ୍ନା ମତଭିଭାଙ୍କ ଦ୍ୱାରା ନାରାୟଣୀ ପଲ୍ଲବୀ, ବ୍ରାହ୍ମି ଷଡ଼ଙ୍ଗୀଙ୍କ ଦ୍ୱାରା ଅଭିନୟ ଶିବ ଅର୍ଚ୍ଚନା ଏବଂ ଶେଷରେ ନୃତ୍ୟ ଉପାସନା ପୀଠ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଶ୍ରୀହନୁମାନ ଚାଳିଶା ପରିବେଷିତ ହୋଇଥିଲା। ହଙ୍ଗେରୀର ମୋଲନାର୍‌ଙ୍କ ଦ୍ୱାରା ସଙ୍ଗିନୀରେ ଚାହାଁ ବେଣୁ ପାଣିକି, ଭୁବନେଶ୍ୱରର ରଶ୍ମୀରେଖା ଦାସଙ୍କ ଦ୍ୱାରା ଅଭିନୟ କଳିଯୁଗ ରାମକଥା ଏବଂ ଶେଷରେ ଓଡ଼ିଶୀ କ୍ରିଏୟାନ୍ସ କ୍ରିଏସନ୍ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ନିର୍ବାଣ ପରିବେଷିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସଂସ୍କାର ଭାରତୀର ସର୍ବଭାରତୀୟ ମନ୍ତ୍ରୀ ଡ. ନିରଞ୍ଜନ ପଣ୍ଡା, ଓଡ଼ିଶାର ସୁବିଖ୍ୟାତ ସ୍ଥପତୀ ରବିନାରାୟଣ ରଥ, ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମ୍ୟୁଜିକ୍ ଭିଡିଓ 'ମନ ମାନସୀ' ମୁକ୍ତିଲାଭ




ଭୁବନେଶ୍ୱର, ୧୧।୧(ସମିସ): ଲେଖକ ତଥା ନିର୍ଦ୍ଦେଶକ ବିଶ୍ୱନାଥ ରଥ ଏବଂ ପୁରସ୍କାରପ୍ରାପ୍ତ ସଙ୍ଗୀତକାର ବଙ୍କିମ ପଟେଲଙ୍କ ଲୋକପ୍ରିୟ ମ୍ୟୁଜିକ୍ ପ୍ଲାଟଫର୍ମ ୫ମ ରୋମାଣ୍ଟିକ୍ ମ୍ୟୁଜିକ୍ ଭିଡିଓ 'ମନ ମାନସୀ' ଆଜି 'ଆମରମୁଜିକ୍ ଓଡିଆ'ରେ ମୁକ୍ତିଲାଭ କରିଛି। ଏହା ଓଡ଼ିଶାର ପ୍ରଥମ ତ୍ରିଭାଷୀ ମ୍ୟୁଜିକ୍ ଭିଡିଓ, ଯାହା ଓଡ଼ିଆ, ହିନ୍ଦୀ ଓ ସମ୍ବଲପୁରୀ ଆଦି ତିନୋଟି ଭାଷାରେ ଏକକାଳୀନ ମୁକ୍ତିଲାଭ କରିଛି। ଓଡ଼ିଆ ସଂସ୍କରଣ ଆମରମୁଜିକ୍ ଓଡିଆରେ ମୁକ୍ତିଲାଭ କରିଥିବାବେଳେ ହିନ୍ଦୀ ସଂସ୍କରଣ 'ତେରାରାଂଝନା' ଓ ସମ୍ବଲପୁରୀ ସଂସ୍କରଣ 'ରସିଆ ପିଲା' ଯଥାକ୍ରମେ ଆମରମ୍ୟୁଜିକ୍ ଛତିଶଗଡ଼୍ ଓ ଓକେ ଓଡ଼ିଆ ମ୍ୟୁଜିକ୍‌ରେ ମୁକ୍ତିଲାଭ କରିଛି। ମଲ୍ଟି ଆୱାର୍ଡ ବିଜେତା ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥ ଏହାର କନସେପ୍ଟ ଓ ଚିତ୍ରନାଟ୍ୟ ପ୍ରସ୍ତୁତ କରିଥିବାବେଳେ ବିଶ୍ୱନାଥ ରଥ ଓ ବଙ୍କିମ ପଟେଲ ଉଭୟ ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ ବିଶ୍ୱନାଥ ରଥ, ନୂଆ ପରୀକ୍ଷଣକୁ ଦର୍ଶକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଟିମ୍ ବହୁତ ଉତ୍ସାହିତ ଏବଂ ଏହି ଯାତ୍ରାରେ ଏହା ନିଶ୍ଚିତ ଭାବେ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ବୋଲି ନିର୍ଦ୍ଦେଶକ ବିଶ୍ୱନାଥ ରଥ ସୂଚନା ଦେଇଥିଲେ।

## 'ସ୍ନେହ' ପକ୍ଷରୁ ରେଷ୍ଟୋରେଟିଭ୍ ଜଷ୍ଟିସ୍ ଆଲୋଚନାଚକ୍ର

ଭୁବନେଶ୍ୱର, ୧୧।୧(ସମିସ): ସୋସାଇଟି ଫର୍ ନେଚର୍ ଏଜୁକେସନ୍ ଆଣ୍ଡ ହେଲ୍‌ଥ (ସ୍ନେହ) ପକ୍ଷରୁ ରେଷ୍ଟୋରେଟିଭ୍ ଜଷ୍ଟିସ୍ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଓ ଦୌରାଜଜ୍ ଡ. ବିଶ୍ୱଜିତ୍ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଆଇନ ପରାମର୍ଶଦାତା ଡ. ବିଜୟ ମହାପାତ୍ର ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ନାଗରିକ ସମାଜର ସଦସ୍ୟ, ଶିକ୍ଷାବିତ୍, ପୁଲିସ୍ ଅଧିକାରୀ, ଆଇନଜୀବୀ, ମାନବ ଅଧିକାର କର୍ମକର୍ତ୍ତା ଆଦି ୩୦ ଜଣ ଭାଗ ନେଇଥିଲେ। 'ସ୍ନେହ'ର ସଭାନେତ୍ରୀ ସୁବର୍ଣ୍ଣା ଘୋଷଙ୍କ ଅଧ୍ୟକ୍ଷତାରେ ଡ. ବିଶ୍ୱଜିତ ମହାପାତ୍ର ସମୂହ ନ୍ୟାୟ ଏବଂ ଶାନ୍ତି ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବା ସହିତ ରେଷ୍ଟୋରେଟିଭ୍ ଜଷ୍ଟିସ୍‌ର ଗୁରୁତ୍ୱ ରହିଛି ବୋଲି ଆଲୋକପାତ କରିଥିଲେ। ଆଇନଜୀବୀ ନରେଶ ଜେନା, ଡ. ବିଜୟ ମହାପାତ୍ର ଛୋଟ ଘଟଣାଗୁଡ଼ିକୁ ରେଷ୍ଟୋରେଟିଭ୍ ଜଷ୍ଟିସ୍ ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଦିବାକର ମାହାଳି ସହଯୋଗ କରିଥିଲେ।

### ଓଡିଏମ୍‌ର ବାର୍ଷିକ ଉତ୍ସବ 'ମାତୃତ୍ୱ-୨୦୨୫' ଉଦ୍‌ଯାପିତ

## 'ଶ୍ରେଷ୍ଠ ଶିକ୍ଷା, ପ୍ରଶିକ୍ଷଣ, ବିଚାରଧାରା ହିଁ ଉତ୍ତମ ସ୍ୱପ୍ନକୁ ଜନ୍ମ ଦିଏ'



ଭୁବନେଶ୍ୱର, ୧୧।୧(ସମିସ): ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ୩୫ତମ ବାର୍ଷିକ ଉତ୍ସବ 'ମାତୃତ୍ୱ-୨୦୨୫' ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥି ଭାବେ ବିଜେପି ଉପସଭାପତି ଗୋଲକ ମହାପାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ତଥା ଭାରତ ସରକାରଙ୍କ ପଲିମର ବିଜ୍ଞାନ ଏବଂ ଇଞ୍ଜିନିୟରିଂର ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପୂର୍ବତନ ମହାନିର୍ଦ୍ଦେଶକ ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ବିଦ୍ୟାର୍ଥୀମାନଙ୍କ କୃତିତ୍ୱକୁ ପ୍ରଶଂସା କରିବା ସହ ଶ୍ରେଷ୍ଠ ଶିକ୍ଷା, ପ୍ରଶିକ୍ଷଣ ଓ ବିଚାରଧାରା ହିଁ ଉତ୍ତମ ସ୍ୱପ୍ନକୁ ଜନ୍ମ ଦିଏ, ତେଣୁ ନିରନ୍ତର ଚେଷ୍ଟା ଜାରି ରଖିଲେ ଶିକ୍ଷାର୍ଥୀ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି ଶ୍ରୀ ସିଂଦେଓ ମତ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଓ ଚରିତ୍ରବାନ ହେବାକୁ ଶ୍ରୀ ମହାପାତ୍ର ଦିଗ୍‌ଦର୍ଶନ ଦେଇଥିଲେ। ପ୍ରତିଷ୍ଠାତା ଡ. ମୀନକେତନ ପିତାମାତାଙ୍କ ଉପଦେଶକୁ ଚିନ୍ତନ ଓ ମନନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି.କେ. ଦାସ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ପତିତପାବନ ଉପାସନା' ଶୀର୍ଷକ ଆଲୋଚନା

ଭୁବନେଶ୍ୱର, ୧୧।୧(ସମିସ): ପୂଜ୍ୟପୂଜା, ଓଡ଼ିଶା ଓ ଆଧ୍ୟାତ୍ମିକ ପତ୍ରିକା ମୁକ୍ତିଦର୍ଶନ ପକ୍ଷରୁ ଲେଖକ ସମବାୟ ସମିତି ପରିସରରେ ପତିତପାବନ ଉପାସନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ବକ୍ତା ଓ ଆଲୋଚକଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ ବିଭିନ୍ନ ଉଦାହରଣ ସହ ଶ୍ରୀଜଗନ୍ନାଥଙ୍କ ପୂଜନ ପରମ୍ପରାରେ ମହାପ୍ରଭୁ ଯେତେବେଳେ ଏକାକୀ ପୂଜା ପାଆନ୍ତି ସେତେବେଳେ ଦଧିବାମନ ପତିତପାବନ ନାମରେ ସମ୍ବୋଧିତ ହୋଇଥା'ନ୍ତି। ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ମିନତୀ ଷଡ଼ଙ୍ଗୀ, ଡ. ଆରତି କର, ଡି ସିଦ୍ଧାର୍ଥ କାନୁନ୍‌ଗୋ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶ୍ରୀବାସ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମଦନମୋହନ ବଣିକ ସଂଘ ପକ୍ଷରୁ ରାମଲାଲାଙ୍କ ବାର୍ଷିକୋତ୍ସବ



ଭୁବନେଶ୍ୱର, ୧୧।୧(ସମିସ): ପାତ୍ରପଡ଼ା-ଭଗବାନପୁର ସ୍ଥିତ ମଦନମୋହନ ବଣିକ ସଂଘ ପକ୍ଷରୁ ପ୍ରଭୁ ଶ୍ରୀଶ୍ରୀ ରାମଲାଲାଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବାଲୁକାଶିଳ୍ପୀ ପ୍ରିୟ ରଞ୍ଜନ ବରାଳଙ୍କ ଦ୍ୱାରା ନିର୍ମିତ ରାମଲାଲା ଓ ବୀର ହନୁମାନଙ୍କ ବାଲୁକା ମୂର୍ତ୍ତିଟି ଅତି ଚିତାକର୍ଷକ ହୋଇଥିଲା। ଶନିବାର ପ୍ରଭାତରୁ ସୂର୍ଯ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଥିବାବେଳେ ମଧ୍ୟାହ୍ନରେ ରୀତି ଅନୁସାରେ ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମ କରାଯାଇଥିଲା। ସ୍ଥାନୀୟ ତଥା ୬୫ ନଂ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ ଯୋଗଦେଇଥିଲେ। ମଦନମୋହନ ବଣିକ ସଂଘର ସଭାପତି ରବୀନ୍ଦ୍ରନାଥ ସାହୁ, ନୀଳକଣ୍ଠ ପାଣିଗ୍ରାହୀ, ହରିକୃଷ୍ଣ ସାହୁ, ଜଗନ୍ନାଥ ସାହୁ, ଶ୍ରୀତମ୍ ସାହୁ, ଚନ୍ଦନ ବେହେରା, ପ୍ରକାଶ ପୃଷ୍ଟି ଓ ଧନେଶ୍ୱର ଶଙ୍ଖୁଆ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସଂଘ ତରଫରୁ 'ହରିହାଟ' ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

